୬ ବିଜୟ ହଜାରେ ଟ୍ରଫିରେ ଛକା ବର୍ଷା କଲେ ହାର୍ଦ୍ଦିକ ପାଣ୍ଡ୍ୟା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୨ • ସଂଖ୍ୟା–୩୪୨ • ୯ ଜାନୁଆରୀ ୨୦୨୬, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-342 • 9th January 2026, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ଓଡ଼ିଶା ହାଇକୋର୍ଟ ସମେତ ୨ଟି ଜିଲ୍ଲା କୋର୍ଟକୁ ବୋମାରେ ଉଡାଇ ଦେବାକୁ ଧମକପୂର୍ଣ୍ଣ ମେଲ

# କମିଶନରେଟ୍ ପୋଲିସ୍, କ୍ରାଇମବ୍ରାଞ୍ଚ ମିଳିତ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**କଟକ, ୮।୧ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ୩ଟି କୋର୍ଟକୁ ବୋମା ଧମକ ଆସିବା ପରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଥିଲା । କଟକର ଜିଲ୍ଲା ଜଜ୍ କୋର୍ଟକୁ ଏକ ଧମକପୂର୍ଣ୍ଣ ଇମେଲ ଆସିବା ପରେ କୋର୍ଟକୁ ଖାଲି କରାଯାଇଥିଲା । କାର୍ଯ୍ୟରେ ଥିବା ସମସ୍ତ ଓକିଲ ଭୟଭୀତ ହୋଇ କୋର୍ଟ ଛାଡି ବାହାରକୁ ପଳାଇ ଆସିଥିଲେ । ସେହିପରି ପ୍ରତିଶେଧମୂଳକ ବ୍ୟବସ୍ଥା ସ୍ୱରୂପ ହାଇକୋର୍ଟ କାର୍ଯ୍ୟ ମଧ ବାତିଲ କରାଯାଇଥିଲା । ହାଇକୋର୍ଟର ସମସ୍ତ ବିଚାରପତି ଏବଂ ସମସ୍ତ ଓକିଲମାନେ କାର୍ଯ୍ୟ ଛାଡି ବାହାରକୁ ପଳାଇ ଯାଇଥିଲେ । ରାଜ୍ୟରେ ଏହି ଘଟଣା ପ୍ରଥମ ଥର ଘଟିଥିବା ବେଳେ କୋର୍ଟ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। କଟକ ହାଇକୋର୍ଟ, ସମ୍ବଲପୁର, ଦେବଗଡ



ଜିଲ୍ଲା କୋର୍ଟକୁ ବୋମାରେ ଉଡାଇ ଦେବାକୁ ଗୁରୁବାର ପୂର୍ବାହ୍ନରେ ଧମକପୂର୍ଣ୍ଣ ମେଲ ଆସିଥିଲା। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କୋର୍ଟ ପରିସରରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ। ବମ ସ୍କ୍ୱାଡ, ଡ଼ଗ ସ୍କ୍ୱାଡ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ । ତେବେ ହାଇକୋର୍ଟ ପରିସରରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ, ଏନ୍.ଏସ୍.ଜି, ଏନ୍.ଆଇ.ଏ ଓ ଏସ୍.ଟି.ଜି ମୁତୟନ କରାଯାଇଥିବା ବେଳେ ଜିଲ୍ଲା କୋର୍ଟ ପରିସରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଅନ୍ୟପଟେ ପୋଲିସ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, 'ରାଜ୍ୟର ତିନିଟି କୋର୍ଟକୁ ବୋମା ଧମକ ଜନିତ ଇ-ମେଲ ମିଳିବା ପରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ତଥ୍ୟ ମିଳିବା ପରେ ତିନିଟି ଯାକ କୋର୍ଟ ପରିସରରେ ପୋଲିସ ମୁତୟନ ସହ ଆଲର୍ଟ ଜାରି କରାଯାଇଛି। ଭୟଭୀତ ନହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଲୋକମାନେ ଏହି ଘଟଣାରେ ପୋଲିସକୁ ସହଯୋଗ କରନ୍ତୁ ବୋଲି ଡିଜିପି ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଅନୁସନ୍ଧାନ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାର । ସୃଷ୍ଟି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ *(ପୃଷ୍ଠା ୭ରେ)*

### ଚଳିତ ସପ୍ତାହରେ ସୁଭଦ୍ରା ଟଙ୍କା

# ନୂଆ ୪ଲକ୍ଷ ୫୭ ହଜାର ୬୮୧ଜଣଙ୍କୁ ଖୁବଶୀଘ୍ର ମିଳିବ

**ଭୁବନେଶ୍ୱର, ୮।୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ସପ୍ତାହରେ ମିଳିବ ସୁଭଦ୍ରା ଟଙ୍କା। ୪ଲକ୍ଷ ୫୭ହଜାର ୬୮୧ଜଣଙ୍କୁ ଖୁବଶୀଘ୍ର ମିଳିବ ସୁଭଦ୍ରା ଟଙ୍କା । ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ନୂଆ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୧୮ ହିତାଧିକାରୀଙ୍କୁ ମିଳିବ ଟଙ୍କା। ଏହାସହ ବିଭିନ୍ନ କାରଣ ପାଇଁ କଟିଯାଇଥିବା ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ଏଥର ମିଳିବ ଟଙ୍କା । ସେହିପରି ତୃତୀୟ କିସ୍ତି ପାଇଥିଲେ କିନ୍ତୁ ପ୍ରଥମ, ଦ୍ୱିତୀୟ କିସ୍ତିରେ ତାଙ୍କ ନାମ ନଥିଲା । ସେଭଳି ୨ ଲକ୍ଷ ୫୫ ହଜାର ୨୬୫ଜଣ ହିତାଧିକାରୁଙ୍କୁ ମିଳିବ ଟଙ୍କା । ଚଳିତ ସପ୍ତାହରେ ୨୫୦ କୋଟିରୁ ଅଧିକ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ବୋଲି ସେ କହିଛନ୍ତି।



ଶ୍ରୀମତୀ ପରିଡା କହିଛନ୍ତି କନ୍ୟା ବିବାହ ଯୋଜନାରେ ବିବାହ ଉପହାର ସାମଗ୍ରୀର ଯୋଗାଣ ପାଇଁ ଉତ୍କଳିକା ଓ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅ *(ପୃଷ୍ଠା ୭ରେ)*

# ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ ହେଉଛନ୍ତି ଗୁରୁ କେଳୁଚରଣ

**ଭୁବନେଶ୍ୱର, ୮।୧ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇ କେଳୁଚରଣ ମହାପାତ୍ର ଓଡ଼ିଶା, ଓଡ଼ିଆ ଆଉ ଓଡିଶୀର ଅଭୂତପୂର୍ବ ସଙ୍ଗମ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ଗୁରୁଜୀଙ୍କ ଜୀବନୀକୁ ନେଇ ପ୍ରଦର୍ଶିତ ହୋଇଥିଲା କ୍ଷୁଦ୍ର ଚଳଚ୍ଚିତ୍ର। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ଶତବାର୍ଷିକୀ ପାଳନ ହେଉଥିବା ବେଳେ ଏହା ତିନି ଧରି ଚାଲିବ। ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ କେଳୁଚରଣ ସ୍ମୃତି ଚିତ୍ରକଳା ସହ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ୱେବସାଇଟ ଉନ୍ମୋଚନ କରିଛନ୍ତି। ଏହାସହ ତାଙ୍କ ଜୀବନର କିଛି ଅଭୁଲା ସ୍ମୃତିକୁ ନେଇ ଏକ ସୁନ୍ଦର ଫଟୋଚିତ୍ର ପ୍ରଦର୍ଶନୀ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେଳୁଚରଣ *(ପୃଷ୍ଠା ୭ରେ)*



## ଆଜିର ମୁଖ୍ୟ ଖବର

- ଶୁକ୍ରବାର ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ ବୈଠକ।
- ମଣିପୁରରେ ସୁରକ୍ଷା ପରିସ୍ଥିତି ଉପରେ କଡା ନଜର।
- ଖଣି ବିସ୍ଫୋରଣ ଘଟଣାରେ ଦୁଇ ଶ୍ରମିକଙ୍କ ମୃତ୍ୟୁ।
- ଆସନ୍ତା ଉପଗ୍ରହ ଉତ୍କ୍ଷେପଣ ପାଇଁ ମହାକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ।
- ବିଶ୍ୱ ସମସ୍ୟା ସତ୍ତ୍ୱେ ଦେଶର ଅର୍ଥନୀତି ମଜଭୁତ।
- ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗମ୍ଭୀର, ସତର୍କତା ଜାରି।
- ଦେଶର ଅନେକ ସହରରେ ଶୀତ ଜନିତ ରୋଗ ବୃଦ୍ଧି।
- ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼ ବୃଦ୍ଧି।

# ଷ୍ଟାର୍ଟଅପ୍ ଏବଂ ଏଆଇ ଉଦ୍ୟୋଗୀମାନେ ଭାରତର ଭବିଷ୍ୟତ ସହ-ନିର୍ମାଣ କରୁଛନ୍ତି



**ନୂଆଦିଲ୍ଲୀ, ୮।୧ ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର କହିଛନ୍ତି ଯେ ଷ୍ଟାର୍ଟଅପ୍ ଏବଂ ଏଆଇ ଉଦ୍ୟୋଗୀମାନେ ଭାରତର ଭବିଷ୍ୟତ ସହ-ନିର୍ମାଣ କରୁଛନ୍ତି। ସେ *(ପୃଷ୍ଠା ୭ରେ)*

# ପାରାଦୀପ ଓ ଭଦ୍ରକରେ ଆଇଓସିଏଲ ମେଗା ପ୍ରକଳ୍ପ ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର, ୮।୧ : ନ୍ୟୁଜ୍ ବ୍ୟୁରୋ**

ପାରାଦୀପ ଓ ଭଦ୍ରକରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଓଲ)ର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରଧାନମନ୍ତ୍ରୀଙ୍କ ପୂର୍ବାଞ୍ଚଳ ବିକାଶ ସ୍ୱପ୍ନ ସାକାର ଦିଗରେ ଆଇଓସିଏଲର ପାରାଦୀପରେ ଡୁଆଲ୍ ଫିଡ୍ ନାପ୍ଥା କ୍ରାକର ପ୍ଲାଣ୍ଟ ଓ ଭଦ୍ରକରେ ୟାର୍ଣ୍ଣ ଉତ୍ପାଦନ ପ୍ରକଳ୍ପ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ପ୍ରକଳ୍ପ ଗୁଡିକର ଶୀଘ୍ର କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି।

ପାରାଦୀପର ପେଟ୍ରୋ କେମିକାଲ କମ୍ପ୍ଲେକ୍ସରେ ଡୁଆଲ୍ ଫିଡ୍ ନାପ୍ଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସେହିପରି ଭଦ୍ରକର ୟାର୍ଣ୍ଣ ଉତ୍ପାଦନ ପ୍ରକଳ୍ପ ରାଜ୍ୟର ବସ୍ତ୍ର ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ। ଉଭୟ ପ୍ରକଳ୍ପକୁ ନେଇ ଥିବା ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ ତଥା ଅନ୍ୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଇଲା ରହିଛି ରହିବ ବିଶ୍ୱରେ
ଧ୍ରୁବ ତାରା ହେଇ ଭାରତ
କେହି ଚେଷ୍ଟା କଲେ ଲୋପ ହେବ ନାହିଁ
ଯେଉଁଯାଏ ଅଛି ମରତ
ଦେଖି ବୋମାବିସ୍ଫୋରଣ କରତ ?
ଭୀରୁ କାପୁରୁଷ ଲୁଚି ଧମକାଅ
ଇଜ୍ଜତ ମହତ ନାହିଁ ତ।

# ଧର୍ମଘଟରୁ ଓହରିଲା ଡାକ୍ତର ସଂଘ

**ଭୁବନେଶ୍ୱର, ୮।୧ : ନ୍ୟୁଜ୍ ବ୍ୟୁରୋ**

ଆନ୍ଦୋଳନରୁ ଓହରିଲା ଡାକ୍ତର ସଂଘ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିଲା ସଂଘ। ସଂଘ ସଭାପତି ଡା. କିଶୋର ମିଶ୍ର କହିଛନ୍ତି ମନ୍ତ୍ରୀଙ୍କ ସହିତ ସକାରାତ୍ମକ ଆଲୋଚନା ହୋଇଛି। ଦାବି ପୂରଣ ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଦିନ ଆଲୋଚନା ଅପେକ୍ଷା ସରକାର ସକାରାତ୍ମକ ଅଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଅନେକ ଦାବି ପୂରଣ ହୋଇଯିବ। *(ପୃଷ୍ଠା ୭ରେ)*

# ୨ ସପ୍ତାହ ଯାଏ ଶୀତରୁ ନାହିଁ ନିସ୍ତାର

**ଭୁବନେଶ୍ୱର, ୮।୧ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଗାମୀ ଦୁଇ ସପ୍ତାହ ଯାଏ ଶୀତ ଜାରି ରହିବ। ଏନେଇ ଗୁରୁବାର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ରାଜ୍ୟର ୨୪ଟି ସହରରେ ରାତିର ତାପମାତ୍ରା ୧୦ କିମ୍ବା ତାଠୁ କମ୍ ରହିଥିବା ଜଣାପଡିଛି। ଜି. ଉଦୟଗିରିରେ ରାତିରେ ତାପମାତ୍ରା ୨.୫ ଡିଗ୍ରୀକୁ ଖସି ଆସିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ମଧ ୯.୪କୁ କମି ଆସିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ଗତ ୯ରୁ ୧୦ ଦିନ ହେବ ଶୀତ ପ୍ରକୋପ ଲାଗି ରହିଛି। ଏଭଳି ଲଗାତାର ଶୀତ ପ୍ରକୋପ ବିଗତ ବର୍ଷମାନଙ୍କରେ କେବେ ଅନୁଭୂତ ହୋଇ ନ ଥିଲା। ବୁଧବାର ଜି.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସ, ରହିଥିବା ବେଳେ ଫୁଲବାଣୀ ୬, ଦାରିଙ୍ଗିବାଡିରେ - ୬, ସେମିଳିଗୁଡା ୬.୧, କୋରାପୁଟ ୭, ରାଉରକେଲା ୮.୨, ଝାରସୁଗୁଡ଼ା ୮.୯, *(ପୃଷ୍ଠା ୭ରେ)*

# ମଧ୍ୟପ୍ରାଚ୍ୟରେ ଉତ୍ତେଜନା, ଯୁଦ୍ଧ ମୁହାଁ ସାଉଦି ଆରବ-ୟୁଏଇ !



**ରିୟାଦ/ଆବୁଧାବି, ୮।୧**

ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ସମ୍ପର୍କ ସମ୍ପ୍ରତି ତିକ୍ତ ହେବାରେ ଲାଗିଛି। ସାଉଦି ଆରବ ଗୁରୁବାର ୟୁଏଇ ଉପରେ ୟେମେନି ବିଚ୍ଛିନ୍ନତାବାଦୀ ନେତା ଏବଂ ଦକ୍ଷିଣ ଟ୍ରାନଜିସନାଲ କାଉନସିଲ (ଏସଟିସି)ର ମୁଖ୍ୟ ଆଇଦାରସ ଅଲ-ଜୁବୈଦିଙ୍କୁ ୟେମେନରୁ ବହିଷ୍କାର କରି ଆବୁଧାବି ପଠାଇଥିବା ଅଭିଯୋଗ କରିଛି। ଅଲ-ଜୁବୈଦିଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ୟୁଏଇ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ସାଉଦି ଆରବର ଏକ ସାମରିକ ବିବୃତିରେ କୁହାଯାଇଛି ଯେ, ଅଲ-ଜୁବୈଦି ଡଙ୍ଗା ଯୋଗେ ୟେମେନରୁ ସୋମାଲିଆ ପଳାଇଥିଲେ। ଏହା ପରେ ୟୁଏଇ ଅଧିକାରୀମାନେ ତାଙ୍କୁ ଏମିରେଟର ରାଜଧାନୀ ଆବୁଧାବିରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ।

ସାଉଦି ମିଳିତ ମେଣ୍ଟର ମୁଖପାତ୍ର ମେଜର *(ପୃଷ୍ଠା ୭ରେ)*




31 YEARS
ସମ୍ବାଦ କଳିକା

# ଆଣ୍ଟିବାୟୋଟିକ୍ ପ୍ରତିରୋଧ ଯୋଗୁଁ ୨୦୫୦ ସୁଦ୍ଧା ହୋଇପାରେ ୪ କୋଟି ଲୋକଙ୍କ ମୃତ୍ୟୁ !

ଆଣ୍ଟିମାଇକ୍ରୋବାୟଲ୍ ଔଷଧ (ଆଣ୍ଟିବାୟୋଟିକ୍ସ, ଆଣ୍ଟିଭାଇରାଲ୍ସ, ଆଣ୍ଟିଫଙ୍ଗାଲ୍ସ) ଆଧୁନିକ ଚିକିତ୍ସାର ମୂଳଦୁଆ । ଅନେକ ଜୀବନଘାତକ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ବର୍ତ୍ତମାନ ଏହି ଔଷଧଗୁଡ଼ିକ ସାଧାରଣ ସଂକ୍ରମଣ ବିରୁଦ୍ଧରେ ମଧ୍ୟ ପ୍ରଭାବହୀନ ପ୍ରମାଣିତ ହେଉଛି। ନିମୋନିଆ କିମ୍ବା ୟୁଟିଆଇ ଭଳି ଗମ୍ଭୀର ରୋଗର ଚିକିତ୍ସା କରିବା କ୍ରମଶଃ କଷ୍ଟକର ହେବାରେ ଲାଗିଛି। ଏହି ଔଷଧଗୁଡ଼ିକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବୃଦ୍ଧି ପାଉଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର 'ମନ କି ବାତ' କାର୍ଯ୍ୟକ୍ରମର ଏକ ଏପିସୋଡରେ ଏହି ଔଷଧର ଅପବ୍ୟବହାର ଉପରେ ଚିନ୍ତା ପ୍ରକାଶ କରିଥିଲେ ଏବଂ ଲୋକଙ୍କୁ ବିଶେଷ ସତର୍କ ରହିବାକୁ ଅପିଲ କରିଥିଲେ। ICMR ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ ଭବିଷ୍ୟତ ପାଇଁ ବିପଦ ନୁହେଁ, ବରଂ ଧିରେ ଧିରେ ଲୋକମାନେ ଏହାର ଶିକାର ହେଉଛନ୍ତି। ଏହା ଦ୍ୱାରା ପ୍ରତିବର୍ଷ ବିଶ୍ୱରେ ୧୨ ଲକ୍ଷରୁ ଅଧିକ ମୃତ୍ୟୁ ଘଟୁଛି। ସଂକ୍ଷେପରେ କହିବାକୁ ଗଲେ, ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ (AMR) ଆଧୁନିକ ଚିକିତ୍ସାର ଅନେକ ସଫଳତାକୁ ଦୁର୍ବଳ କରିବାକୁ ଆରମ୍ଭ କରିଛି। ଏହାଦ୍ୱାରା ସଂକ୍ରମଣ ସହିତ ସର୍ଜରୀ, ସିଜାରିଆନ୍ ଏବଂ କ୍ୟାନ୍ସର କେମୋଥେରାପି ମଧ୍ୟ ପ୍ରଭାବିତ ହେଉଛି। ଯଦି ଆମେ ବିଶ୍ୱ ବ୍ୟାଙ୍କର ଭାଷାରେ ଏହାର ଅର୍ଥନୈତିକ ବୋଝକୁ ବୁଝିବା, ତେବେ ୨୦୫୦ ସୁଦ୍ଧା ସ୍ୱାସ୍ଥ୍ୟ ସେବା ଉପରେ ଅତିରିକ୍ତ ବୋଝ ଏକ ଟ୍ରିଲିୟନ ଡଲାର ବୃଦ୍ଧି ପାଇବାର ଆଶା କରାଯାଉଛି, ଏବଂ ୨୦୩୦ ପର୍ଯ୍ୟନ୍ତ ପ୍ରତିବର୍ଷ ବିଶ୍ୱ ଅର୍ଥନୀତିରେ ଯଥେଷ୍ଟ କ୍ଷତି ହୋଇପାରେ। କାହିଁକି ଏହା ଏକ ଚିନ୍ତାଜନକ ପରିସ୍ଥିତି ? ଯେତେବେଳେ ସୂକ୍ଷ୍ମଜୀବମାନେ ଆଉ ଔଷଧ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, ସେତେବେଳେ ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ ଘଟେ। ଏହା ହେବା ଦ୍ୱାରା ସାଧାରଣ ସଂକ୍ରମଣର ଚିକିତ୍ସା କରିବା ମଧ୍ୟ କଷ୍ଟକର ହୋଇଯାଏ। AMR ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନେ ବାରମ୍ବାର ସଂକ୍ରମଣ, ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଏବଂ ବାରମ୍ବାର ଡାକ୍ତରଖାନାରେ ଭର୍ତ୍ତି ହେବାର ଅନୁଭବ କରନ୍ତି। ପ୍ରକୃତରେ, ଆଣ୍ଟିମାଇକ୍ରୋବାୟଲ୍ ଔଷଧର ଅତ୍ୟଧିକ ଏବଂ ପ୍ରାୟତଃ ଅନାବଶ୍ୟକ ବ୍ୟବହାର ଯୋଗୁଁ, ଜୀବାଣୁ ଏହି ଔଷଧର ପ୍ରଭାବ ସହିତ ଲଢ଼ିବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ ହୋଇଯାଆନ୍ତି। ଧୀରେ ଧୀରେ, ସେମାନେ ପ୍ରତିରୋଧୀ ସୁପରବଗ୍ରେ ପରିଣତ ହୁଅନ୍ତି।

JAMA ନେଟୱାର୍କ ଅନୁଯାୟୀ, ୨୦୨୧ ମସିହାରେ ଔଷଧ-ପ୍ରତିରୋଧୀ ରୋଗଜୀବାଣୁ ଯୋଗୁଁ ସାରା ବିଶ୍ୱରେ ୧ ନିୟୁତରୁ ଅଧିକ ମୃତ୍ୟୁ ଘଟିଛି। ୨୦୫୦ ସୁଦ୍ଧା ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ ଯୋଗୁଁ ୪ କୋଟିରୁ ଅଧିକ ମୃତ୍ୟୁ ହୋଇପାରେ। ମୃତ୍ୟୁର ସର୍ବାଧିକ ବିପଦ (୨୯ ପ୍ରତିଶତ ପର୍ଯ୍ୟନ୍ତ) ଆସିନେଟୋବ୍ୟାକ୍ଟର ବାଉମାନି ଜୀବାଣୁ ସହିତ ଜଡିତ, ଯାହା ନିମୋନିଆ, ରକ୍ତ ପ୍ରବାହ ସଂକ୍ରମଣ ଏବଂ ମୂତ୍ରନଳୀ ସଂକ୍ରମଣର କାରଣ ହୁଏ। ୨୦୨୧ ମସିହାରେ ଭାରତରେ ବିଭିନ୍ନ ସଂକ୍ରମଣ ଯୋଗୁଁ ୨.୬ ଲକ୍ଷ ମୃତ୍ୟୁ ଘଟିଥିଲା, ଯେଉଁଥିରେ ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ (AMR) ସିଧାସଳଖ ଭୂମିକା ଗ୍ରହଣ କରିଥିଲା। ୧୯୯୦ ମସିହାରେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ମଧ୍ୟରେ AMR ସହିତ ଜଡିତ ଅଧିକାଂଶ ମୃତ୍ୟୁ ଘଟିଥିଲା, କିନ୍ତୁ ୨୦୨୧ ମସିହାରେ, ଏପରି ମୃତ୍ୟୁ ସଂଖ୍ୟା ଅଧିକାଂଶ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ମଧ୍ୟରେ ହୋଇଥିଲା। ୨୦୧୫ ମସିହାରେ ୧୦ଟି ହସ୍ପିଟାଲରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ସଂକ୍ରମଣ ତୁଳନାରେ AMR ଯୋଗୁଁ ମୃତ୍ୟୁର ଆଶଙ୍କା ଦୁଇ ଗୁଣ ଅଧିକ ଥିଲା। ଏହି ବିପଦ ଏବେ ତିନି ଗୁଣକୁ ବୃଦ୍ଧି ପାଇଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୦)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

କିଆ କେତକୀ ଓ ବଣ ମଲ୍ଲୀ ଫୁଲର ବାସ୍ନାର ପ୍ରଖର ମହକକୁ ଭାଷାରେ ବର୍ଣ୍ଣନା କରିହେଉନି । ଚଉଦ ବ୍ରହ୍ମାଣ୍ଡର ସମ୍ରାଟ ଯେଉଁ ଅରଣ୍ୟରେ ବିରାଜମାନ କରିଛନ୍ତି, ସେ ଅରଣ୍ୟର ତ୍ରିଗୁଣ ବାସ୍ତବରେ ଅତି ଜୀବନ୍ତ ଭାବରେ ସଜେଇ ହୋଇଛି ପ୍ରକୃତି ରାଣୀ । ଏହି ସ୍ୱର୍ଗୀୟ ସୁଷମା ମଧ୍ୟରେ ବିଶୋଧିତ ହୋଇ ନୃତ୍ୟ କରୁଛି କଳ୍ପନା ଅରଣ୍ୟର ଏକ ନିଭୃତ କୋଣରେ ପାଦରେ ପିନ୍ଧିଛି ଘୁଙ୍ଗୁର । ବାହାରେ ବାନ୍ଧିଛି ବଣ ମଲ୍ଲୀ ଓ ଚମ୍ପା ଫୁଲର କମନୀୟ ମାଳ । ମଥାରେ ପିନ୍ଧିଛି ଏପରି ସିନ୍ଦୁର ଯାହା କି ଚନ୍ଦ୍ରାଲୋକରେ ମଧ୍ୟ ଉଦିତ ସୂର୍ଯ୍ୟର ଭ୍ରମ ସୃଷ୍ଟି କରୁଛି । ନୃତ୍ୟ କରୁଥିବାବେଳେ ସମୟେ ସମୟେ ନିଟୋଳ ବକ୍ଷୋଜ ଉପରୁ ବସ୍ତ୍ର ଖସିଯାଇ ଉନ୍ମତ୍ତତା ସୃଷ୍ଟି କରି ଦେଉଛି। ତାହା ବି କଳ୍ପନା ଚିନ୍ତା କରିପାରୁନି । ସେ ଆଜି ଜଗନ୍ନାଥଙ୍କ ପ୍ରେମର ଉନ୍ମୁକ୍ତ ଅଭିସାରିକା ପ୍ରେମ ପ୍ରଣୟର ମନ୍ଦ ମନ୍ଦ ମଳୟରେ ସେ ନିଜକୁ କେତେ ବେଳୁ ହଜାଇ ସାରିଲାଣି । ତାହା କେହି ଜାଣନ୍ତି ନାହିଁ । କେବଳ ସେହି ଜାଣନ୍ତି । ଜଣେ ହେଲେ ବିଶର ମହାନ୍ତି ଆଉ ଜଣେ ହେଲେ ମହାବାହୁ ଜଗନ୍ନାଥ । ଗଭୀର ନିଶାର୍ଦ୍ଧର ପୂର୍ବରୁ କଳ୍ପନା ନାଚୁଛି ଗଭୀର ଅରଣ୍ୟ ମଧ୍ୟରେ । ଏହି ଦୃଶ୍ୟକୁ ବହୁ ଦୂରରେ ରହି ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଛନ୍ତି ବିଶର ମହାନ୍ତି । ଚନ୍ଦ୍ରାଲୋକରେ ପରିଷ୍କାର ଦେଖାଯାଉଛି କଳ୍ପନାର ଉନ୍ମତ୍ତତା ଭରା ନୃତ୍ୟ । କଣ୍ଠରେ ପ୍ରେମର ମାଦକତାଭରା ବିରହର ସଙ୍ଗୀତ। ଆମ୍ବ ବଉଳର ସୁଗନ୍ଧିତ ସୁରଭି କଳ୍ପନାର ସଙ୍ଗୀତକୁ ଆହୁରି ମତୁଆଲା କରିଦେଉଛି । ଦୂରରେ ଥାଇ ବିମୁଗ୍ଧ ବିଶର ନିର୍ବାକ ଭଙ୍ଗୀରେ ଦେଖୁଛନ୍ତି । କଳ୍ପନାର ରୂପ ଲାବନ୍ୟ ଭରା ଅପରୂପ ସୌନ୍ଦର୍ଯ୍ୟକୁ । ଭାବୁଛନ୍ତି ଯେଉଁ ଦିନ ଏ ମହାବୀର ବାଟିକାରେ ପହଞ୍ଚି ଆଦିକନ୍ଦଙ୍କ ଗୃହରେ ଅବସ୍ଥାନ କରିଥିଲେ ସେଦିନର ସେହି କଳ୍ପନା କଣ ଏଇ ? ଯେଉଁ କଳ୍ପନା ଦିନେ ନିର୍ଜନ ନିଶାନ୍ଧ ଜଟାଧାର ନଦୀରେ ଲୁଚି ଲୁଚି ଆତ୍ମବିସର୍ଜନ କହିବାକୁ ଯାଉଥିବା ସେହି କଳ୍ପନା କଣ ଏଇ ? ଆତ୍ମହତ୍ୟା ମାର୍ଗରୁ



ଉଦ୍ଧାର କରି ଯାହାର ହାତ ଧରି ମହାପ୍ରଭୁଙ୍କ ବ୍ରାହ୍ମଣିଙ୍କ ନିକଟରେ ଶପଥ କରାଇ କହିଥିଲ 'ଦେଖ କଳ୍ପନା ଆଜି ଠାରୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ତୁମ ସ୍ୱାମୀ ।' ସେହିଦିନ ଠାରୁ କଳ୍ପନା ହୋଇଗଲା ମହାପ୍ରଭୁଙ୍କ ନିକଟରେ ଦେବାଦାସୀ। ଦୀର୍ଘ ୧୮ ବର୍ଷ ଧରି ମହାପ୍ରଭୁଙ୍କ ନିକଟରେ ସେ ନୃତ୍ୟ କରିଆସୁଛି । କିନ୍ତୁ ଆଜି ସେ ଯେଉଁ ନୃତ୍ୟ କଳ୍ପନାର ସେ ଦେଖୁଛନ୍ତି ଏଭଳି ନୃତ୍ୟ ଆଗରୁ ସେ ଦେଖିନଥିଲେ । ବିଶ୍ୱାସ କରିପାରୁନାହାନ୍ତି ବିଶର । ଏ ନିଘଞ୍ଚ ଅରଣ୍ୟ ବକ୍ଷରେ ଏପରି ମନ୍ତ୍ରମୁଗ୍ଧ ନୃତ୍ୟରେ ମହାପ୍ରଭୁଙ୍କୁ ଦିନେ ଆଲିଙ୍ଗନ କରିପାରିବ । ଏକଥା ଭାବିଲା ବେଳକୁ ବିଶରଙ୍କ ଆଖିରୁ ବହି ଯାଉଛି ଅବାରିତ ଲୁହର ଝରଣା । ଆଶ୍ଚର୍ଯ୍ୟ ହୋଇ ଦେଖୁଛନ୍ତି କଳ୍ପନାର ନୃତ୍ୟରେ ମହାପ୍ରଭୁଙ୍କୁ ପ୍ରଲୁବ୍ଧ କରିବାର ଗୋଟିଏ କାମନାର ପରିତୃପ୍ତ ମହାଶକ୍ତିଶାଳୀ ଆମନ୍ତ୍ରଣ । କଳ୍ପନାର ନୃତ୍ୟ ସମାପ୍ତ ହେବା ପାଇଁ ଆଉ ମାତ୍ର କିଛି ସମୟ ବାକି ରହିଥିବା ପରି ଜଣାପଡୁଥାଏ । ଠିକ୍ ଏହି ସମୟରେ ଗୋଟିଏ ଉଜ୍ଜ୍ୱଳ ଆଲୋକ ପିଣ୍ଡ କଳ୍ପନାର ବକ୍ଷଜ ଉପରେ ପ୍ରତିଫଳିତ କରୁଥିଲା । ଚୁଆ ଚନ୍ଦନର ଅପୂର୍ବ ମହକରେ ବିଶାଳ ଅରଣ୍ୟଟା ମହକି ଉଠୁଥିଲା । ବିଶର ଏହି ଅପୂର୍ବ ମଧୁମୟ ଦୃଶ୍ୟକୁ ଦେଖି ଏତେ ଆନନ୍ଦିତ ହୋଇଯାଇଥିଲ ଯେ, ତମାମ ଜୀବନର ତାଙ୍କ ଧନ୍ୟ ହେଲାଭଳି ସେ ଅନୁଭବ ସେ କରୁଥିଲେ । ଦୁଇ ହାତକୁ ଯୋଡି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଜୟ ଜଗନ୍ନାଥ ଜୟ ଜଗନ୍ନାଥ କହି ତନ୍ମୟ ହୋଇଯାଇଥିଲେ । ଭାବୁଥିଲେ ଯେଉଁ କଳ୍ପନାକୁ ଅଶୁଭ ଅମଙ୍ଗଳ, ଅଭିଷପ୍ତ କଥା କହି ଏ ସମାଜ ଘୃଣା କରୁଥିଲା ସେହି କଳ୍ପନାର ଏକ ନିଷ୍ଠା ଭକ୍ତି ପ୍ରେମ ସମର୍ପଣର ବଳିଷ୍ଠ ଭାବାବେଗରେ ବାନ୍ଧି ହୋଇ କଳ୍ପନାର ଯୁଗ ଯୁଗର ଅତୃପ୍ତ କାମନାକୁ ପରମ ସନ୍ତୋଷ ପ୍ରଦାନ କରିଦେଲେ । ଯୁଗ ଯୁଗ ଧରି ଶତ ଶତ ତପସ୍ୱୀ ତପସ୍ୱିନୀ ତପସ୍ୟା କରି ଓ ନିଶେଷ ହୋଇଯାଉଛନ୍ତି ଅଥଚ ଦର୍ଶନ କରି ପାରିନାହାନ୍ତି । ଆଜି ଜଣେ ସାମାନ୍ୟ ସାଧାରଣ ନାରୀଟିଏ ତାହା କରିପାରିଲା। ଯାହାଙ୍କ ନିକଟରେ କଳ୍ପନା କୋଟି କୋଟି ବର୍ଷ ଧରି କୃତଜ୍ଞତା ଜଣାଇଲେ ମଧ୍ୟ ତାହା ବହୁତ କମ ହେବ । କଳ୍ପନା ତା ଆଖିର ବାନ୍ଧି ଦେଲା ପରମ ପୁରୁଷ ଜଗନ୍ନାଥଙ୍କୁ କଳ୍ପନାର ଭକ୍ତି ଛନ୍ଦରେ ବାନ୍ଧି ହୋଇଗଲେ ମହାବାହୁ ଚିରଦିନ ପାଇଁ । ପ୍ରତିଟି ଛନ୍ଦରେ ପ୍ରତିଟି ଭାବରେ ପ୍ରତିଟି ମୁଦ୍ରାରେ ଜଗନ୍ନାଥ ହୋଇଗଲେ କଳ୍ପନାର ପରମ ଆରାଧ୍ୟ । ପରମ ଆଶ୍ରୟ। ଏଇତ ଜଗନ୍ନାଥଙ୍କର ଅବ୍ୟକ୍ତ ଲୀଳା । ପ୍ରତିଟି ରାତ୍ରୀର ନିସ୍ତବ୍ଧ ପ୍ରହରରେ କଳ୍ପନା ନୃତ୍ୟ ଛନ୍ଦରେ କଳ୍ପନା ବିମୁଗ୍ଧ କରିଦେଲା ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାମହିମ ସମ୍ରାଟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ । ସମାଜର ପ୍ରତିଟି ପ୍ରତିରୋଧ ପ୍ରତିଟି ଉକ୍ରଟ ବିରୋଧ ପରିସ୍ଥିତି, ପରିବେଶ ବିଧବା କନ୍ୟା ପାଇଁ ଶାସ୍ତ୍ର ପୁରାଣ ଛନ୍ଦରେ ଲେଖାଯାଇଥିବା ମାଳ ମାଳ ପ୍ରତିକୂଳ ସ୍ରୋତକୁ ଅତିକ୍ରମ କରି ପାଲଟି ଯାଇଥିଲା ମହାପ୍ରଭୁଙ୍କର ପରମ ଭକ୍ତ ।

# ଧବଳକଣ୍ଠୀ ମାଛରଙ୍କା

## (ପଶ୍ଚିମବଙ୍ଗର ରାଜ୍ୟପକ୍ଷୀ)



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ
ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

ଧବଳକଣ୍ଠୀ ମାଛରଙ୍କା ବା ଧଳା ଛାତିଆ ମାଛରଙ୍କା ପଶ୍ଚିମବଙ୍ଗ ରାଜ୍ୟର ରାଜ୍ୟପକ୍ଷୀ । ଏହାର ଇଂରାଜୀ ନାମ ହ୍ୱାଇଟ ଥ୍ରୋଟେଡ କିଙ୍ଗଫିସର/ହ୍ୱାଇଟ ବ୍ରେଷ୍ଟେଡ କିଙ୍ଗଫିସର । ବେଙ୍ଗଲି ଭାଷାରେ ଏହି ପକ୍ଷୀର ନାମ 'ସାଦା ମାଛରଙ୍ଗା' ।ପଶ୍ଚିମବଙ୍ଗର ରାଜ୍ୟପକ୍ଷୀ ହୋଇ ନ ଥିଲେ, ଏହି ପକ୍ଷୀ ବାଂଲାଦେଶର ଜାତୀୟପକ୍ଷୀ ରୂପେ ଘୋଷିତ ହୋଇଥାନ୍ତା । ପକ୍ଷୀଟିର ବୈଜ୍ଞାନିକ ନାମ ହାଲୋସିୟନ ସ୍ମଇରେନସିସ୍। ବଂଶ-ଆଲ ସେଡିନିଡେ। ଆମର ଅତି ପରିଚିତ ଓ ସର୍ବତ୍ର ଦେଖିବାକୁ ମିଳୁଥିବା ପକ୍ଷୀ। ଓଡିଆରେ ଏହାର ନାମ ମାଛରଙ୍କା। ଗ୍ରୀକ ପୌରାଣିକ ତଥ୍ୟ ଅନୁସାରେ କିଙ୍ଗଫିସର ସହିତ ସଂପୃକ୍ତ ଏକ ପକ୍ଷୀର ନାମ ହାଲସିୟନ । ଏହି ଆକର୍ଷଣୀୟ ପକ୍ଷୀଟିଏ ଉଜ୍ଜଳ ଗାଢ ନୀଳ ଓ କମଳା ରଙ୍ଗର ପର ଦେଖିବାକୁ ଯେତିକି ସୁନ୍ଦର, ସେତିକି ପଶ୍ଚିମବଙ୍ଗର ତାତ୍ପର୍ଯ୍ୟପୂର୍ଣ୍ଣ ଓ ପାରିପାର୍ଶ୍ୱିକ ପ୍ରାଧାନ୍ୟର ପରିଚାୟକ। ରାଜ୍ୟର ସମୃଦ୍ଧି ଜୈବ ବିବିଧତାର ସନ୍ତକ। ବ୍ୟାପ୍ତି ଓ ବିସ୍ତୃତି-ମାଛରଙ୍କା ପକ୍ଷୀର ପାଞ୍ଚଗୋଟି ଉପପ୍ରଜାତି ମଧ୍ୟରୁ ଚାରିଗୋଟି ଭାରତରେ ଦେଖିବାକୁ ମିଳନ୍ତି । ସାରା ଭାରତରେ ବିଶେଷକରି ସମତଳ ଅଞ୍ଚଳରେ ଏହି ପକ୍ଷୀ ଦେଖିବାକୁ ମିଳିଥାଏ। ପଶ୍ଚିମବଙ୍ଗର ଭିନ୍ନ ଭିନ୍ନ ପରିସଂସ୍ଥା ଯଥା ଖୋଲା ଜଙ୍ଗଲ, ଚାରଣଭୂମି, ଆର୍ଦ୍ରଭୂମି, ସନ୍ତସନ୍ତିଆ ଅଞ୍ଚଳ, ଚାଷଜମି ଏପରିକି ସହରାଞ୍ଚଳରେ ମଧ୍ୟ ଏମାନେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି । ହିମାଳୟ ୨୫୦୦ମିଟର ଉଚ୍ଚତା ପର୍ଯ୍ୟନ୍ତ ଥିବା ଗଛ ଡାଳରେ, ରାସ୍ତାକଡରେ, ଚାଷ ଜମି ଉପରେ ଯାଇଥିବା ଇଲେକ୍ଟ୍ରିକ ବା ଟେଲିଗ୍ରାଫ ତାର ଉପରେ ବା ଅନ୍ୟ ନିରାପଦ ସ୍ଥାନରେ ଏହି ପକ୍ଷୀ ବସିଥିବାର ଦେଖାଯାଏ। ସୁନ୍ଦରବନ ଏବଂ ଓଡିଶାର ଭିତରକନିକାର ହେନ୍ତାଳ ବନରେ ମଧ୍ୟ ଦେଖାଯାଆନ୍ତି। ଦକ୍ଷିଣ ଏସିଆ ଦେଶମାନଙ୍କରେ ମାଛରଂଙ୍କା ପକ୍ଷୀ ଅତି ପରିଚିତ ଓ ବାଟରେ ଘାଟରେ, ରାସ୍ତାକଡରେ ଦେଖିବାକୁ ମିଳୁଥିବା ପକ୍ଷୀ।

ଶାରୀରିକ ଆକୃତି-ଧଳା ଛାତିଆ ମାଛରଙ୍କା ବା ଧବଳକଣ୍ଠୀ ମାଛରଙ୍କା ଏକ ମଧ୍ୟମ ଧରଣର ପକ୍ଷୀ। ବଣି ଚଢେଇଠାରୁ ଆକୃତିରେ ସାମାନ୍ୟ ବଡ । ଲମ୍ବା ୨୭ରୁ୨୮ସେଣ୍ଟିମିଟର। ଶରୀରର ଓଜନ ୬୫ରୁ୮୦ଗ୍ରାମ। ଡେଣା ମେଲାଇ ଉଡୁଥିବା ବେଳେ, ଏହାର ଡେଣାର ବିସ୍ତୃତି ୧୧ରୁ୧୨ସେଣ୍ଟିମିଟର। ଡେଣା ଓ ପିଠିର ଅଧିକାଂଶ ଭାଗ ନୀଳରଙ୍ଗ, ମୁଣ୍ଡଟି ଗାଢ ଚକୋଲେଟ୍ ରଙ୍ଗର। ଛାତି ଧଳା ଓ ପେଟ ବାଦାମୀ ଚକୋଲେଟ ରଙ୍ଗର ହୋଇଥାଏ। ଥଣ୍ଟ ଲମ୍ବା, ମୋଟା ବା ନିଦା, ମୁନିଆ ଏବଂ କମଳା ଲାଲ ଅଟେ। ଗୋଡର ରଙ୍ଗ ଲାଲ୍। ଏକ ଉଜ୍ଜ୍ୱଳ ଧଳା ଗ୍ରୁପ ଏହାର ବେକ ପାଖରେ ଏବଂ ଛାତିରେ ଦେଖିବାକୁ ମିଳେ। ଡେଣା ଓ ଲାଞ୍ଜର ରଙ୍ଗ ଘନ ନୀଳ। ପୁରୁଷ ଓ ସ୍ତ୍ରୀ ପକ୍ଷୀର ରଙ୍ଗ ପ୍ରାୟ ସମାନ। ଛୁଆମାନଙ୍କର ରଙ୍ଗ ଏତେ ଉଜ୍ଜ୍ୱଳ ବା ଗାଢ ନୁହେଁ। ଏମାନଙ୍କ ଥଣ୍ଟ ମଧ୍ୟ ଧୂସର ବା ଫିକା କୃଷ୍ଣାର,ଏମିତି ଦେଖିବାକୁ ଗଲେ ବର୍ଣ୍ଣ ବିଭାରେ ଛୁଆମାନେ ବୟସ୍କ ପକ୍ଷୀଙ୍କ ତୁଳନାରେ ବେଶ୍ ଅନୁକୂଳ ଓ ଆକର୍ଷଣୀୟ ।ଆହାର ଓ ଆଚାର ବ୍ୟବହାର-ରାସ୍ତାରେ ଗଲାବେଳେ ରାସ୍ତାକଡ ଚାଷ ଜମି ଉପରେ ଯାଇଥିବା ଘର ଉପରେ ଯାଇଥିବା ଟେଲିଗ୍ରାଫ ତାରରେ ମାଛରଙ୍କା ପକ୍ଷୀ ଅନେକ ସମୟରେ ଏକା ବସିଥିବାର ଦେଖିବାକୁ ମିଳେ। ଚାଷ ଜମିରେ, ପାଣି ହିଡରେ, ପାଣି ବା ଜଳାଶୟ ଧାରରେ ଏବଂ ଖୋଲା ଜଙ୍ଗଲରେ ଏହି ପକ୍ଷୀ ଭାରତରେ ସର୍ବତ୍ର ଦେଖିବାକୁ ମିଳନ୍ତି। ଅନ୍ୟ ପ୍ରଜାତିର ମାଛରଙ୍କାଙ୍କ ତୁଳନାରେ ଭରଣ ପୋଷଣ ଓ ଆହାର ପାଇଁ ଜଳ ଉପରେ ମାଛରଙ୍କା କମ୍ ନିର୍ଭରଶୀଳ। କାରଣ ଏମାନଙ୍କର ଖାଦ୍ୟ ମୁଖ୍ୟତଃ ଭୂମିବାସୀ କୀଟପତଙ୍ଗ ଏବଂ ଏମାନେ ଅନ୍ୟ ପ୍ରଜାତିର ମାଛରଙ୍କା ପକ୍ଷୀଙ୍କ ପରି ଜଳର ଗଭୀରତାକୁ ଲମ୍ଫ ପ୍ରଦାନ କରି ଶୀକାର କରିପାରନ୍ତି ନାହିଁ। ଅନେକ ସମୟରେ ଏହି ପକ୍ଷୀ ଜଳ ଉତ୍ସଠାରୁ ଦୂରରେ ଚଲାବୁଲା କରି ଖାଦ୍ୟ ସଂଗ୍ରହ କରିଥାଏ । ଏମାନଙ୍କର ଆହାର ବା ଖାଦ୍ୟରେ ଯଥେଷ୍ଟ ବ୍ୟାପକତା ଦେଖିବାକୁ ମିଳେ। ତନ୍ମଧ୍ୟରେ କଙ୍କଡା, ଚିଙ୍ଗୁଡି, କୀଟପତଙ୍ଗ ଯଥା ପଙ୍ଗପାଳ, ଗୋବର ପୋକ, ଉଇ, ଜନ୍ଦା, ପମ୍ପୁଡି, କଙ୍କି, ଝିଣ୍ଟିକା, ଜିଆ, ଛୋଟ ମାଛ, ବେଙ୍ଗଫୁଲା ଅନ୍ୟତମ। ବେଳେ ବେଳେ ଗୁଣ୍ଡୁଚି ମୂଷା ଓ ଅନ୍ୟ ପକ୍ଷୀ ଶାବକ ଘରଚଟିଆ, ମୁନିଆ ମାନଙ୍କୁ ମଧ୍ୟ ଖାଇଦିଅନ୍ତି। ଦେଖାଯାଏ, ଶୁଖିଲାଗଛ ଡାଳରେ, ଟେଲିଗ୍ରାଫ୍ ତାର ଉପରେ କିମ୍ବା ଉଚ୍ଚ ସ୍ଥାନରେ ବସି ତଳକୁ ଲକ୍ଷ୍ୟକରି ମାଛରଙ୍କା ପକ୍ଷୀ ଆହାର ଝମ୍ପିନିଏ। ସମୟ ସମୟରେ ମାଛରଙ୍କା ପକ୍ଷୀ ବଡ ଗଛଡାଳରୁ ମାଈ କୁକୁଡା ବୋବାଇଲା ପରି ରାବ କରିଥାଏ । ପ୍ରଜନନ ଋତୁ-ବର୍ଷାଋତୁର ଆଗମନୀହିଁ ଏହିପକ୍ଷୀମାନଙ୍କର ପ୍ରକୃଷ୍ଟ ପ୍ରଜନନ ଋତୁ। ପୁରୁଷ ମାଛରଙ୍କା ପକ୍ଷୀ ପ୍ରାୟତଃ ଏକପତ୍ନୀ ବ୍ରତ ପାଳନ କରିବାର ଦେଖାଯାଏ। ପ୍ରଜନନ ଋତୁରେ ପୁରୁଷ ପକ୍ଷୀ ପଦାକୁ ଦେଖାଯାଉଥିବା ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ନିଜର ସାମ୍ରାଜ୍ୟ ସ୍ଥାପନ କରି ସକାଳୁ ସକାଳୁ ସହବାସ ଆମନ୍ତ୍ରଣ ସୂଚକ ରାବ କରିଥାଏ । ପ୍ରେମ, ପୂର୍ବାନୁରାଗ ପ୍ରଦର୍ଶନ କାଳରେ ଗୋଟେ ବା ଦୁଇ ସେକେଣ୍ଡ ପାଇଁ ସେମାନେ ପର ଝାଡି ଡେଣା ତଳେ ଥିବା ଧଳା ଛାପକୁ ଦେଖେଇ ଥାନ୍ତି। ସେମାନଙ୍କର ବେକ ଓ ଥଣ୍ଟକୁ ଉପରକୁ ଟେକି କଣ୍ଠ ଦେଶରେ ଥିବା ଧବଳ ଅଂଶକୁ ପ୍ରଦର୍ଶନ କରନ୍ତି। ସ୍ତ୍ରୀ ମାଛରଙ୍କା ପକ୍ଷୀ ଏହାର ପ୍ରତ୍ୟୁତ୍ତରରେ ତାର ଡେଣା ବିସ୍ତାର କରି ସହବାସ ପାଇଁ ସହମତି ପ୍ରକାଶ କରିଥାଏ। ଏହି ସମୟରେ ସେମାନେ ଅଧିକ ଗ୍ରହଣୀୟତା ଦେଖାଇ ପୁରୁଷ ପକ୍ଷୀକୁ ଆକୃଷ୍ଟ କରିବାକୁ ପ୍ରୟାସ କରନ୍ତି । ସହବାସ ସମୟରେ ସେମାନେ ଆନନ୍ଦପୂର୍ଣ୍ଣ, ଆବେଗଭରା କିଟ୍-କିଟ୍ ଶବ୍ଦ କରିଥାନ୍ତି । ସହବାସର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଗ୍ରୀଷ୍ମଋତୁର ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ସେମାନେ ବସା ବାନ୍ଧିବା ପାଇଁ ଉପଯୁକ୍ତ ସ୍ଥାନର ସନ୍ଧାନ କରନ୍ତି। ପାଣିରେ ବୁଡୁନଥିବା ଉଚ୍ଚା ନର୍ଦ୍ଦମାକ୍ତ ପଠାରେ ସେମାନେ ବସା ବାନ୍ଧନ୍ତି । ବସାଟି ଭୂମି ସହିତ ସମାନ୍ତରାଳ ଏକ ସୁଡଙ୍ଗ ଭଳି ହୋଇଥାଏ । ପ୍ରାୟ ୫୦ସେଣ୍ଟିମିଟରରୁ ଏକ ମିଟର ଲମ୍ବ। ନଦୀ, ନାଳ ବାଡରେ ଥିବା କାଦୁଆ ପଠାହିଁ, ସୁଡଙ୍ଗ ଆକୃତିର ବସା ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ। ଉଭୟ ପୁରୁଷ ଓ ମାଈ ପକ୍ଷୀ ମିଶି ସେମାନଙ୍କର ଶକ୍ତ ଥଣ୍ଟ ସାହାଯ୍ୟରେ ଗାତ ଖୋଳି ବସା ନିର୍ମାଣ କରନ୍ତି । ମାଈ ପକ୍ଷୀ ଥରକେ ୩ରୁ ୭ ଗୋଟି ଅଣ୍ଡା ଦିଏ। ଅଣ୍ଡାଗୁଡିକ ଗୋଲାକୃତି ଏବଂ ଦେଖିବାକୁ ଧଳା। ଉଭୟ ବାପା ଓ ମା ପକ୍ଷୀ ମିଶି ଅଣ୍ଡାକୁ ଉଷୁମାନ୍ତି। ପ୍ରାୟ ୨୦ଦିନ ପରେ ଅଣ୍ଡାରୁ ଛୁଆ ବାହାରେ ଏବଂ ଉଭୟ ମିଶି ଆଗାମୀ ୧୮ଦିନ ପର୍ଯ୍ୟନ୍ତ ଛୁଆକୁ ଲାଳନ ପାଳନ କରନ୍ତି । ଏହି ସମୟରେ ଛୁଆମାନେ ଖାଇବା ପାଇଁ ଆହାର ଯୋଗାଡ କରି ଆଣନ୍ତି। ବିପଦ ଓ ସଂରକ୍ଷଣ ସ୍ଥିତି-ଦ୍ରୁତ ବେଗରେ ଉଡିପାରୁଥିବାରୁ ଏବଂ ଏକ ଶକ୍ତିଶାଳି ଥଣ୍ଟ ଥିବା କାରଣରୁ, ଖୁବ୍ କମ୍ ଶିକାରୀ ପକ୍ଷୀ ମାଛରଙ୍କା ଉପରେ ଆକ୍ରମଣ କରିପାରନ୍ତି। ସାଧାରଣତଃ ଜଙ୍ଗଲୀ କାଉ ଓ କଳା ଚିଲ ସେମାନଙ୍କର ଶତ୍ରୁ। ପକ୍ଷୀମାନେ ପ୍ରାୟତଃ ୫ରୁ୬ବର୍ଷ ବଞ୍ଚିଥାନ୍ତି। ଏମାନଙ୍କର ସଂଖ୍ୟା ସାଧାରଣ ସ୍ଥାନରେ ଏତେ ଅଧିକ ଯେ, ଇଣ୍ଟରନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚର 'ରେଡ' ପଟା ବହିରେ ମାଛରଙ୍କାଙ୍କୁ ସର୍ବନିମ୍ନ ଉଦବେଗଜନକ ଭାବେ ଦର୍ଶାଯାଇଛି। ଅଠରଶହ ଶତାବ୍ଦୀରେ ଏହି ପକ୍ଷୀ ମାନଙ୍କର ଉଜ୍ଜ୍ୱଳ ପରକୁ ଟୋପିରେ ଲଗାଇବା ପାଇଁ ପକ୍ଷୀ ଶିକାର କରାଯାଉଥିଲା। କିନ୍ତୁ ଏବେ ଆଉ ସେ ପ୍ରଥା ପ୍ରଚଳିତ ନାହିଁ। ଭାରତୀୟ ବନ୍ୟ ପ୍ରାଣୀ ସଂରକ୍ଷଣ ଅଧିନିୟମ, ୧୯୭୨ରେ ପୂର୍ବରୁ ଏହି ପକ୍ଷୀକୁ ପରିଚ୍ଛେଦ-୪ରେ ରଖାଯାଇଥିଲା। ସଂଶୋଧିତ ଆଇନରେ ସେମାନେ ପରିଚ୍ଛେଦ-୨ରେ ସ୍ଥାନିତ ହୋଇଛନ୍ତି।

# ମନୋରଞ୍ଜନର ମାଧ୍ୟମ



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଯୁଗ ବଦଳୁଛି । ଅନେକ ପ୍ରସଙ୍ଗରେ ଅନେକ ଶବ୍ଦର ନୂଆ ନୂଆ ପରିଭାଷା ସାମ୍ନାକୁ ଆସୁଛି। ଇତିହାସ କଡ଼ ଲେଉଟାଇବା କଥା ଭଳି ପୁରୁଣା ବି ଫେସନ ପାଲଟୁଛି। ଚିରାଫଟା ପ୍ୟାଣ୍ଟ ପିନ୍ଧିବାରେ ଯୁବ ପିଢ଼ିଙ୍କ ବଢୁଛି / ରହୁଛି ଆଗ୍ରହ। ଖାଇବା, ପିନ୍ଧିବା ଭଳି ଅନେକ କଥାରେ ମଧ୍ୟ ରୁଚି ବଦଳୁଛି । ଖେଳକୁଦ, ବ୍ୟାୟମ ଆଦିରେ ବିଭିନ୍ନ ରୁଚି ରହୁଛି। ସୁସ୍ଥ ଦେହ ମନ ପାଇଁ ଖେଳକୁଦର ସର୍ବକାଳୀନ ଆବଶ୍ୟକତା ରହିଥାଏ ନିଶ୍ଚୟ । ଦେହ ଫୁର୍ତ୍ତି ପାଇଁ ଧାଁ ଦୌଡ଼ ବି କରିବାକୁ ପଡ଼େ ଓ ଡିଆଁ ଡେଇଁ କରିବାକୁ ହୁଏ । ଯୁବପିଢ଼ି କରିପାରନ୍ତି ଅଧିକ ଧାଁ ଦୌଡ଼ ବୟସ୍କଙ୍କଠୁ । ଧାଁ ଦଉଡ଼ କରି ନ ପାରିଲେ ସଞ୍ଜ ସକାଳେ ଅନ୍ତତଃ ଚାଲିବାରେ ଅସୁବିଧା ନ ଥାଏ। ଚଲାବୁଲା ବେଳେ ପୁରୁଣା ବନ୍ଧୁଙ୍କ ସହ ଚଲାବାଟରେ ଭେଟ ହୋଇଗଲେ ମନଟା ଟିକେ ହାଲୁକା ଲାଗେ । ଆପଣା ଭିତରେ ଦି' ପଦ କଥା ହେଲେ ଖୁସି ଲାଗେ । କଥାବାର୍ତ୍ତା ଭିତରେ ବି ହସ ଖୁସି ଅନେକ ଆନନ୍ଦ ଆଣିଦେଇଥାଏ । ପରିଣତ ବୟସରେ ହସ ଔଷଧ ଭଳି କାମ କରେ। ଖଣ୍ଡିଆ ମନରେ ଆଘାତ ଲାଗିଥିବା ହୃଦୟରେ ହସ ଲେପ ବହୁ କ୍ଷତ ପୂରଣ କରିଥାଏ । ଚାଲିବା ଓ କାହା ସହ କଥା ହେଉ ହେଉ ହସିବା ଖୁବ ଉପାଦେୟ ମନେହୁଏ । ଧାଁ ଦଉଡ଼ି ହେଉ କି ଚଲାବୁଲା କରି ହସ ଖୁସିରେ ଘରକୁ ଫେରିବାର ନିଆରା ଅନୁଭବ ସାଉଁଟିଥାନ୍ତି ଅନେକ ତାଙ୍କ ନିତିଦିନିଆ ଜୀବନରେ ସଞ୍ଜ ସକାଳେ ।

ଆଜିର ଦିନରେ ପୁଣି ଖୁସି ରହିବା ପାଇଁ ବିବିଧ ମନୋରଞ୍ଜନ ମାଧ୍ୟମର ବିପୁଳ ଉପଯୋଗ କରିଥାନ୍ତି ପିଲାଠୁ ବୟସ୍କ ଅନେକାନେକ । ଆଜିର ଛୁଆ ତ ମୋବାଇଲରେ ଖେଳନ୍ତି ଅନେକ ଖେଳ। ମୋବାଇଲ ଦେଖି ଦେଖି ଖାଆନ୍ତି, ମୋବାଇଲ ଦେଖି ଶୁଅନ୍ତି । ଛୁଆଙ୍କ ପାଇଁ ମୋବାଇଲ ପାଲଟେ ଯେମିତି ଆଈ ବୁଢ଼ୀ ଓ ଆଈ ଭଳି କେତେବେଳେ ଗୀତ ଗାଏ ତ କେବେ କାହାଣୀ କହେ । କାର୍ଟୁନ ଦେଖି ଏବର ଛୁଆ ହସନ୍ତି । ମୋବାଇଲ ସଉକ ଛୁଆଙ୍କ ଭଳି ରହିଥାଏ ସବୁ ବୟସର ଲୋକଙ୍କଠି। ଯାହାକୁ ଦେଖ ଯେଉଁଠି ଦେଖ ସେ ନିଶ୍ଚୟ ଥିବେ ମୋବାଇଲମୁହାଁ । ରାତି ଅଧରରେ ବି ଦେଖ ସେମିତି ମୋବାଇଲ ଧରି ଚେଇଁଥିବେ । ମୋବାଇଲ ଖେଳ ସମସ୍ତଙ୍କୁ କରିଛି ଯେମିତି ପାଗଳ । ଗୋଟେ ମୁହୂର୍ତ୍ତ ବି ମୋବାଇଲମୁକ୍ତ ନ ଥାନ୍ତି ଅନେକାନେକ । ଯୁବପିଢ଼ି ତ ମୋବାଇଲ ଖେଳରେ ପୂରା ମାତି ରହିଥାନ୍ତି । ବୟସ୍କ କେହି କେହି ଖୁସି ପାଆନ୍ତି ତାସ ଖେଳି ସମବୟସ୍କଙ୍କ ସହ । କିଛି ଥାଆନ୍ତି ମୋବାଇଲ ବିରୋଧି । ପିଲାଙ୍କ ହାତକୁ ମୋବାଇଲ ବଢ଼ାଇ ନ ଦେବା ପାଇଁ କହନ୍ତି । ହେଲେ ଆଜିର ଦିନରେ କିଏ କାହା କଥା ଶୁଣୁଛି ।

ମନୋରଞ୍ଜନ ପାଇଁ ଅର୍ଥାତ ହସ ଖୁସି ସୁଖ ସାଉଁଟିବା ପାଇଁ କିଏ କିଏ ଯାତ୍ରା ଦେଖିବାକୁ ଯାଆନ୍ତି । ଯାତ୍ରା ମାନେ ଯାତ୍ରା ପାର୍ଟି ଅପେରା ଓ ଅପେରାର ପରିଭାଷା ଆଜି ଜଲିଉଡ୍ jollywood. ସେଠି କାମ କରନ୍ତି ମାନେ ନାଚନ୍ତି, ଗାଆନ୍ତି, ଅଭିନୟ କରନ୍ତି ଅନେକ ଆର୍ଟିଷ୍ଟ। ସେଇଥିପାଇଁ ପାଉଣା ପାଆନ୍ତି ଓ ଅପେରା ପାର୍ଟିର ନାମୀ କଳାକାର ତାଙ୍କ (ପାର୍ଟ) ଅଭିନୟ ପାଇଁ ଦାମୀ ମଧ୍ୟ ଥାଆନ୍ତି । ଯାତ୍ରା ପାର୍ଟି ଅଭିନେତା ବି କେବେ କେବେ ପାର୍ଟି ବଦଳାନ୍ତି । ଗୋଟେ ଯାତ୍ରା ପାର୍ଟିରୁ ଯାଇ ଅନ୍ୟ ଯାତ୍ରା ପାର୍ଟିରେ ସାମିଲ ହୁଅନ୍ତି । ଏ ଯାତ୍ରାର ବି ଋତୁ ଥାଏ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏମାନେ ଖେଳ ଦେଖାନ୍ତି ମାନେ ବହି ଖେଳ ହୁଏ ବହି ନାଆଁରେ ଯାତ୍ରା ମଞ୍ଚସ୍ଥ ହୁଏ । ଯାତ୍ରା କଳାକାର ଜଣେ ଜଣେ ଖେଳାଳି ଯାତ୍ରା ମଞ୍ଚର । ବଡ଼ ବଡ଼ ମେଳା ସ୍ଥାନରେ ଯାତ୍ରା ପଡ଼େ । ଯେମିତି ଭୁବନେଶ୍ୱର ଖଣ୍ଡଗିରି ମେଳାରେ ବାଦୀପାଲା ଭଳି ଯାତ୍ରା ପାଲା ହୁଏ। ଅନେକ ଯାତ୍ରା ପାର୍ଟି ସେଇଠି ତାଙ୍କ ଯାତ୍ରା ଖେଳ ମଞ୍ଚସ୍ଥ କରିଥାନ୍ତି ପ୍ରତିବର୍ଷ ସେଇ ମାଘ ମେଳାକୁ ।

ଯାତ୍ରା ପାର୍ଟି କେଉଁଠି କି ଗଲେ ସବୁ କଳାକାର ଏକାଠି ଏକତ୍ରିତ ହୋଇଯାଇଥାନ୍ତି ଯାତ୍ରା ପରିବେଷଣ ପାଇଁ । ପେଟ ପାଟଣା ପାଇଁ ଓ ପେଟ ପୋଷିବା ପାଇଁ । ସେଠି କଳାକାର କାମ କରୁଥିବା ପର୍ଯ୍ୟନ୍ତ ଥାଆନ୍ତି ସେଇ ଯାତ୍ରା ପାର୍ଟିର ଦଳରେ । ଯାତ୍ରା ପାର୍ଟିରେ ଥାଆନ୍ତି କଳାକାର । ରାଜନୈତିକ ପାର୍ଟି ବା ଦଳରେ ସାମିଲ ଥାଆନ୍ତି ନେତା ଓ କର୍ମୀ । ଗୋଟେ ପାର୍ଟିରେ ଥିବା ଯାଏ ନେତା - କର୍ମୀ ଥାଆନ୍ତି ସେଇ ପାର୍ଟିର । ସେଇ ଦଳ ବାସୁଥିବା ଯାଏ ସେଇଠି ଥାଆନ୍ତି । ଅବଶ୍ୟ ସେ ବାସ ବାସନା ଥାଏ ସ୍ୱାର୍ଥର ଗନ୍ଧ। ସ୍ୱାର୍ଥ ସାଧନ ହେଉଥିବା ପର୍ଯ୍ୟନ୍ତ ଦଳ ବାସେ । ଦଳଠୁ ଉପକାର ପାଉଥିବା ଯାଏ ଦଳ ବାସେ । ଦଳର ନେତା ବାସୁଥାନ୍ତି ଓ ଦଳର ବାକି ନେତା ବି ଗ୍ରହଣୀୟ ରହିଥାନ୍ତି। ସ୍ୱାର୍ଥ ସାଧନ ନ ହେବା ସ୍ଥିତିରେ ବୋଧେ ନେତା ଦଳ ଛାଡ଼ନ୍ତି । ଆଉ ଗୋଟେ ଦଳରେ ସାମିଲ ହୁଅନ୍ତି । ଗତକାଲି ଯେଉଁ ଦଳକୁ ସମାଲୋଚନା କରୁଥିଲେ ଆଜି ସେ ଦଳକୁ କୋଳେଇ ନିଅନ୍ତି । ଅତୀତ ଦିନରେ ନିନ୍ଦା କରିଥିବା ନେତାଙ୍କ ପାଖରେ ବସନ୍ତି । ନୂଆ ଦଳ, ନୂଆ ନୀତି, ନୂଆ ଆଭିମୁଖ୍ୟ ସବୁକିଛି ନୂଆକୁ ଆବୋରି ନେଇଥାନ୍ତି ନୂଆ ଦଳକୁ ଆସିଥିବା ନବାଗତ ଓ ସେଠି ନବାଗତଙ୍କୁ କରାଯାଏ ସ୍ୱାଗତ । ଏହା ହିଁ ବିଚିତ୍ର । ନ ଥାନ୍ତି ରାଜନୀତିରେ ଚିରକାଳ ଶତ୍ରୁ ମିତ୍ର। ରାଜନୀତିରେ ଆଜିର ମିତ୍ର କାଲିକି ହୋଇପାରନ୍ତି ଅମିତ୍ର । ପୁଣି ଗତକାଲିର ଅମିତ୍ର ଆଜି ବେଶ ବନିଯାନ୍ତି ପରମ ମିତ୍ର ମଇତ୍ର ।

ରାଜନୀତିରେ ଦଳବଦଳର ସୁନ୍ଦର ପରିଭାଷା ହେଉଛି ଦଳଡିଆଁ । ସେଇ ଦଳଡିଆଁ ଖେଳରେ ଯାହା, ଯେଉଁ ତୁଣ୍ଡରେ ଉଷୁନା ସେଇ ସମାନ ତୁଣ୍ଡରେ ତାହା ଉଆ / ଅରୁଆ ପାଲଟିଯାଏ । ଯାତ୍ରା ପାର୍ଟିରେ ଯେମିତି କଳାକାର ଡିଅନ୍ତି, ରାଜନୈତିକ ଯାତ୍ରା ପାର୍ଟିରେ ନେତା ସେମିତି ଡେଇଁଥାନ୍ତି । ଯାତ୍ରା ପାର୍ଟିରେ ଡିଆଁ ଖେଳ ହୁଏ ପେଟ ପାଟଣା ପାଇଁ, ଅଧିକ ପାଉଣା ପାଇଁ ଅଥବା ଏକାନ୍ତ ବ୍ୟକ୍ତିଗତ କାରଣ ପାଇଁ । ରାଜନୈତିକ ଦଳରେ ଦଳ ଡିଆଁ ହୁଏ ପ୍ରାୟତଃ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମିତ୍ତ । ଦଳଡିଆଁ ଖେଳ ହୁଏ ଭୋଟ ଆଗରୁ ବେଶି, ଭୋଟ ପରେ ବହୁତ କମ, ନ ହେଲେ ନାହିଁ। ଦଳ ଡିଆଁ କ୍ୱଚିତ ବୃହତ୍ତର ସ୍ୱାର୍ଥ ସାଧନ ନିମିତ୍ତ ହେଲେ ହେଉଥିବ କେଉଁଠି । ନ ହେଲେ ଦଳ ଡିଆଁ ଖେଳ ଖେଳାଯାଏ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ । ଏହା ନୂଆ ନୁହେଁ । ପୁରୁଣା । ତେବେ ଦଳଡିଆଁ ଖେଳାଳିଙ୍କ ପାଇଁ ସୁନ୍ଦର ପରିଭାଷା ରହିଛି ଦଳତ୍ୟାଗୀ, ଦଳବଦଳକାରୀ, ଡେଗୁ, ଡେଗାଳୀ (ଯେ ଡେଗେ), ହିନ୍ଦୀରେ ପଲଟୁରାମ, ଗୟାରାମ (ଦଳରୁ ଯେ ଯାଆନ୍ତି), ଆୟାରାମ (ଦଳକୁ ଯେ ଆସନ୍ତି), ଇତ୍ୟାଦି ଇତ୍ୟାଦି। ଗୋଟେ ଦଳରୁ ଅନ୍ୟ ଦଳକୁ ଯାଇ ପୁଣି ପୁରୁଣା ଦଳକୁ ଫେରିଆସିଲେ ତାକୁ ଆଖ୍ୟାୟିତ କରାଯାଏ 'ଘରବାହୁଡ଼ା' । ଦଳଡିଆଁ ଯଦିଚ ଅନୁଚିତ କାର୍ଯ୍ୟ ତାକୁ କିନ୍ତୁ ସ୍ୱୀକାର କରାଯାଏ । ତାର ଗ୍ରହଣୀୟତା ରହିଥାଏ ବୋଲି ଡିଆଁ ଡେଇଁ ଚାଲେ । ଏ ଖେଳ କାହାକୁ ବାସେ ତ କାହାକୁ ଗନ୍ଧାଏ । ଭୋଟ ନିର୍ବାଚନ ଆଗରୁ ଡିଆଁ ଡେଇଁ ଖେଳ ବେଶ ଦେଖିବାକୁ ମିଳେ। ଭୋଟ ପରେ ବି କେହି କେହି ଡେଇଁ ଥାଆନ୍ତି ଦଳଡିଆଁ ଖେଳ ଖେଳିବାକୁ ଇଚ୍ଛା କରି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# ଜେଜେଙ୍କ ଘର

▶ ସାରଦା ପ୍ରସାଦ ଆଚାର୍ଯ୍ୟ



ବହୁତ ଓଜନିଆ ଥିଲା ଜେଜେଙ୍କ ଘର । ଶାଳ, ପିଆଶାଳର ମୋଟା ମୋଟା ଖୁଣ୍ଟ,କଳିକତି ବାଉଁଶର ରୁଅ, ମାଟି କାନ୍ଥ, ଶୋଇବା ଘର ଭିତରେ ଭିନ୍ନ ଭିନ୍ନ ମାଣ୍ଟୁ ଚାଦର, ବଡ଼ ଦୁଆର। ଗାଁ ଭିତରେ ଥିଲା ଉଚ୍ଚା ନଡ଼ା ଛପର ଘର। ଲଗାଲଗି ଜେଜେ, ସାନ ଜେଜେ ବଡ଼ ଜେଜେ, ଦଦେଇଙ୍କ ଘର, ଆଗରେ ଅଭଡ଼ା ଓ ସାହୁ ଘର । ଗାଁ ଭିତରେ ପ୍ରାୟ ସବୁ ଜାତି, ଗୋତ୍ର ମାନଙ୍କ ମଧ୍ୟରେ ଘରୋଇ ସମ୍ପର୍କ। ମୋ ଷଠି ଘର ଥିଲା ମୋ ଅଜା ଘର ଠିକ୍ ଜେଜେଙ୍କ ଗାଁ ପରେ ଦୁଇଟି ଗାଁ କୁ ଲାଗି। ଜେଜେଙ୍କ ଘରକୁ ମୋ ଘର ବୋଲି ଅନେକ ଦିନ ଧରି ହୃଦୟରେ ଜାବୁଡ଼ି ଧରିଛି ବୋଲି ମାଟି କାନ୍ଥକୁ ଇଟା ସିମେଣ୍ଟ, ନଡ଼ା ଛପରକୁ ବାଲି, ଗୋଡ଼ି, ସିମେଣ୍ଟ ଭିତରେ ଲୁହା ରଡ଼ରେ ଘୋଡ଼େଇ ଦେଲି । ଜେଜେଙ୍କ ପୁଅ ବୋହୁଙ୍କ ଖୁସି ଭିତରେ ମୋ ଖୁସି ବି ଖୁନ୍ଦି ଦେଇଥିଲି । ଜେଜେଙ୍କ ଘରର ପ୍ରଥା, ପରମ୍ପରା, ସଂସ୍କୃତି ମୋ ମନରେ ଖୁବ୍ ପ୍ରିୟ ଥିଲା । ଜେଜେଙ୍କ ଠାକୁର ସେବା, ଭାଗବତ ପାଠ, ସନ୍ଧ୍ୟା ଆରତୀ, ମା'ର ଭୋଗ ଥାଳି, ବୋଉର ରବିବାର ପୂଜାକୁ ଆଜି ଯାଏଁ ଭୁଲି ନାହିଁ। ଜେଜେଙ୍କ ଘର ଧୀରେ ଧୀରେ ବାପାଙ୍କ ଘର, ଆମ ଘର ଶେଷରେ ମୋ ଘର ହୋଇଗଲା। ଜେଜେଙ୍କ ଘରର ଯାତ୍ରା ମୋ ଘର ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ଚାଲିଲା । ଯେଉଁଦିନ ଜେଜେଙ୍କ ଘର କାୟା ବିସ୍ତାର ଆରମ୍ଭ କରି ଲମ୍ବି ଚାଲିଲା, ଜଗତସିଂହପୁର ଜିଲ୍ଲାରୁ କଟକ, ଖୋର୍ଦ୍ଧା, କେନ୍ଦୁଝର ଜିଲ୍ଲା । ସେଠି କିନ୍ତୁ ନଥିଲା ଜେଜେଙ୍କ ଘରର ମହକ କି ନଥିଲା ଜେଜେଙ୍କ ଘରର ସୁଲୁ ସୁଲିଆ ପବନର ଆତ୍ମିୟତା । ଥିଲା କେବଳ ଗାଁ ମଝିର ଗୋଟେ ଗୋଟେ ନିଛାଟିଆ, ଏକୁଟିଆ ଆଶ୍ରୟ ସ୍ଥଳ। ଅଧିକାର ନଥିଲା , ପାଟି କହୁନଥିଲା ଆମ ଘର କି ହୃଦୟ ମାନୁ ନଥିଲା ମୋ ଘର। ବାରମ୍ବାର ସହଧର୍ମିଣୀ ଏକା ଜିଦ୍ ନିଜ ପାଇଁ ଘର ତିଆରି କର। ପୁଅ ବାହାଘର କରିବା, ଜ୍ୱାଇଁ ଆସିବେ ସେମାନେ କଣ ସେହି ଜେଜେଙ୍କ ଘରକୁ ନିଜ ଶ୍ୱଶୁରଙ୍କ ଘର ବୋଲି ଗ୍ରହଣ କରି ପାରିବେ ! କଥାରେ କଥା ଦେଇ କହିଲି କାହିଁ କିଛି ଅସୁବିଧା ନାହିଁ ତ ! ତୁମର ସିନା ନାହିଁ, ପିଲାମାନେ କିନ୍ତୁ ମାନିବାକୁ ନାରାଜ। ସହଧର୍ମିଣୀ ବଡ଼ ପାଟିରେ କହିଲେ କାହିଁ ଗାଁରେ ଜେଜେଙ୍କ ଘରକୁ ରୂପାନ୍ତରିତ କରାଇବାରେ ସମୟ, ଅର୍ଥ ଦାନ ଦେଇ ତୁମେ ଖୁବ୍ ଖୁସି ଥିଲ ଏବେ ପିଲାମାନଙ୍କ ପାଇଁ ଗୋଟେ ଘର ତିଆରି କରିବାକୁ ଆଗ୍ରହରେ ଊଣା କରୁଛ। ଗୋଟେ କାମ କର ଜେଜେଙ୍କ ଘରକୁ ବାପାଙ୍କୁ କହି ବିକ୍ରି କରିଦିଅ, ବାପା ଆମ ନୂଆ ଘରେ ରହିବେ। ହଁ ତୁମର ଭଲ ପାଇବା, ତୁମର ତ୍ୟାଗ, ତିତିକ୍ଷା ଜେଜେଙ୍କ ଘରେ ମହଜୁଦ ଅଛି କିନ୍ତୁ ଜେଜେଙ୍କ ଘର ତ ତୁମର ଏକା ନୁହେଁ, ତୁମକୁ ତୁମ ପିଲାମାନଙ୍କ ପାଇଁ ତ ଘର ଖଣ୍ଡେ କରିବାକୁ ହେବ। ସହଧର୍ମିଣୀଙ୍କ ତାଗିଦ୍, ପିଲାମାନଙ୍କ ଇଚ୍ଛାକୁ ଶ୍ରଦ୍ଧାରେ ଗ୍ରହଣ କରିବା ଛଡ଼ା ଅନ୍ୟ ଉପାୟ ନଥିଲା । ଜେଜେଙ୍କ ଘର ଧୀରେ ଧୀରେ ମୋ ହୃଦୟରୁ ଠେଲି ହୋଇଯାଉଥିଲା । ଜେଜେଙ୍କ ଘର ପାଇଁ ମୋର ଯଜ୍ଞ, ତପସ୍ୟା ମୂଲ୍ୟହୀନ ହୋଇଗଲା ସମସ୍ତଙ୍କ ପାଇଁ। ଘର ସନ୍ଧାନରେ ଜେଜେଙ୍କ ଘର ଏବେ ଖୁବ୍ ଅଲୋଡ଼ା ଲାଗିଲା। ଘର ଚିନ୍ତାରେ ଆଖିରୁ ନିଦ ହଜୁଥିଲ, ଘର ନିଶାରେ ପ୍ରେମ ବାଟବଣା ହେଉଥିଲା । ଜେଜେଙ୍କ ଘରଟା ଖାଁ ଖାଁ ଲାଗିଲା । ଜେଜେଙ୍କ ଘରର କବାଟ, ଝରକା ପବନରେ ମନକୁ ମନ ବନ୍ଦ ହୋଇଗଲା ପରି ଲାଗିଲା, ଘରର ପ୍ରତି ଖଣ୍ଡ ଖଣ୍ଡ ଇଟା ଆହୁରି ଉଜ୍ଜ୍ୱଳ ଦେଖାଯାଉଥିଲା। ଜେଜେଙ୍କ ଘର ଏବେ ଆଉ ଗୋଟେ ଜେଜେ ଘର ଅପେକ୍ଷାରେ ରହିଲା।

ଯୋଡ଼ା -କେନ୍ଦୁଝର
୮୬୩୭୨୧୩୮୨୫

# କପାଳଲିଖନ

▶ ସୁକାନ୍ତି ରାଉତ



ବେଳେବେଳେ ଭଗବାନଙ୍କୁ ଧନ୍ୟବାଦ ଦେଉଥିଲେ ସୁଲକ୍ଷଣା ଦେବୀ। ଯାହା ହେଉ ପୁଅଟାକୁ ହାତକୁ ଦି' ହାତ କରିଦେଲା। ଏଥର ଆଉ ପୁଅ ତାର ଅବାଟରେ ଯିବନି କି ଦିନରେ ହଜାରେ କଥା ଶୁଣିବାକୁ ପଡ଼ିବନି। ସୁଲକ୍ଷଣା ଦେବୀଙ୍କର ଧାରଣା ବି ନ ଥିଲା-ତାଙ୍କ ପୁଅ ଯେ ତଳ ସାହି ଝିଅକୁ ବାହାହେବା ପାଇଁ ମୁହଁ ଖୋଲି କହିବ। ତାଙ୍କ ପରିବାର ଭଳି ଏକ ରକ୍ଷଣଶୀଳ ପରିବାରରେ ଯେ ପ୍ରେମ ବିବାହ ହୋଇପାରିବ ଏକଥା ସେ ସ୍ୱପ୍ନରେ ବି କେବେ ଭାବି ନ ଥିଲେ। ସବୁ ସମୟରେ ଡ଼ର ବି ଥିଲା କାଳେ ସ୍ୱରାଜର ବାପା ସ୍ମିତି ସହିତ ବାହାଘର କରାଇଦେବେ ନାହିଁ। ସ୍ମିତି ବି ସବୁଗୁଣରେ ଭରପୂର। ତା ବାପା ବା କାହିଁକି ସ୍ୱରାଜ ପରି ଏକ ବେକାର ପିଲା ହାତରେ ଝିଅକୁ ଟେକି ଦେବେ। ସେଥିପାଇଁ ସବୁ ସମୟରେ ଭୟ ଏବଂ ଆଶଙ୍କା ଥିଲା। କିନ୍ତୁ ଯେଉଁଦିନ ଜାଣିବାକୁ ପାଇଥିଲେ ଦୁହେଁ ଦୁଇ ଜଣକୁ ବାହାହେବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ସେଦିନ ସୁଲକ୍ଷଣା ଦେବୀ ହଜାରେ ଦିଅଁ ଦେବତା ପୂଜା କରିଛନ୍ତି, ମାନସିକ ବି କରିଛନ୍ତି। ଭାବିଲେ ପୁଅଟା ଏଥର ତାଙ୍କର ମଣିଷ ହୋଇଯିବ ! ଧୁମଧାମ୍‌ରେ ବାହାଘର ହେଲା। କିଏ ଜଣେ ଦାର୍ଶନିକ କହିଥିଲେ-ଯେତେବେଳେ ପୁଅଟିକୁ ମାଆଟିଏ ନିଜ ଆୟତ୍ତରେ ରଖି ନ ପାରେ ସେତେବେଳେ ତାର ବିବାହ କରିଦିଏ ଆଉ ହସରେ ହେଉ କି ଲୁହରେ ହେଉ ସମର୍ପି ଦେଇଥାଏ ପତ୍ନୀ ବା ତାର ବୋହୂକୁ। ବୋହୂକୁ ପାଖରେ ବସାଇ ସୁଲକ୍ଷଣା ଦେବୀ କହିଲେ- ପୁଅକୁ ତୋତେ ଦେଇଦେଲି ସାତଜନ୍ମ ପରେ ବି ତାକୁ ବାନ୍ଧିରଖିବୁ। ସ୍ମିତି କିନ୍ତୁ କିଛି ବୁଝିପାରିଲାନି। ନହୁଲୀ ବୟସରେ ଏତେ କଥା ସେ ବା କାହୁଁ ବୁଝିବ। କାହାର ଜଟିଳ ଜ୍ୟାମିତିକୁ ପଢ଼ିବା ତା ପକ୍ଷେ ଅସମ୍ଭବ ଥିଲା। ହସଖେଳରେ ବିତିଗଲା କିଛି ଦିନ। କିନ୍ତୁ ସ୍ୱରାଜ ତାର ପୁରୁଣା ରୋଗକୁ ଛାଡ଼ିପାରିଲେନି। ଘରେ ପ୍ରେମଶିଳା ପତ୍ନୀକୁ ଛାଡ଼ି ବାରଝିଅ ସହିତ ରାତି କାଟିଲେ। ପତ୍ନୀ ବାରଣ କଲାରୁ ରାତି ରାତି ପିଟିଲେ। ରାସ୍ତାକଡ଼ରେ ଛାଡ଼ିଦେଲେ। ସହିବାର ଶେଷ ସୀମା ଡ଼େଇଁ ଜୀବନ ବଢ଼ାଇବାକୁ ଉଦ୍ୟମ କଲା ସ୍ମିତି। ଶାଶୁ ସୁଲକ୍ଷଣା ଦେବୀଙ୍କୁ କିଛି ନ କହି ନିଜ ମନ କଥା ମନରେ ରଖି ଖାଲି ଗୁମୁରି ଗୁମୁରି କାନ୍ଦିଲା। ଭାବିଲା ଏଥିରେ ବା କାହାର ଦୋଷ। ଭାଗ୍ୟରେ ହିଁ ଏହା ଲେଖା ଅଛି। କପାଳରେ ଯାହା ଲେଖାଅଛି, ତାହା କେବେ ଅନ୍ୟଥା ହୋଇପାରିବନି। କିନ୍ତୁ କଥା ହେଉଛି ଯେ ବେକରେ ପଘା ବାନ୍ଧିସାରିବା ପରେ ବି ଯଦି ପୁଅଟି ଅବାଟରେ ଗଲା, ତେବେ ଦୋଷ କାହାର ବୋହୂର ନା ପୁଅର ନା ଶାଶୁର ନାଁ ଏହା କପାଳଲିଖନ।

ଯୋଗାଯୋଗ : ୮୮୯୫୩୦୪୫୫୬
serveforthenation@gmail.com

# ଜିରୋ ନାଇଟ

▶ ଶିବାଶିଷ ପାଢ଼ୀ



ଛୋଟ ସହରଟିଏ। ସହରର ସୀମାରେଖା ଯେଉଁଠି ଠିକ ସେଇଠି ହିଁ ଥିଲା କ୍ଲବ ଘରଟି। ସେଇଠି ହିଁ ଆୟୋଜିତ ହେଉଥିଲା ଜିରୋ ନାଇଟ ଉତ୍ସବ।
ଅଳ୍ପ କିମ୍ବା ବିନା ପରିଶ୍ରମରେ କେବଳ ଲୋକଙ୍କ ବିଶ୍ୱାସ ଏବଂ ଆସ୍ଥାକୁ ବିକ୍ରିକରି ଅଳ୍ପ ଦିନରେ ଅଞ୍ଚଳର ଆତ୍ମଘୋଷିତ ସର୍ବମାନ୍ୟ ଥିଲେ ସେ ଆୟୋଜନର ମୁଖ୍ୟପୁରୋଧା। ତାଙ୍କ ସହ ଥିଲେ ହଁରେ ହଁ କହୁଥିବା ଆମେରୁଦଣ୍ଡି ପ୍ରାଣୀ। ଆୟୋଜନ ଜୋରଦାର ଥିଲା। ସେ ଆୟୋଜନକୁ ଆହୁରି ଭବ୍ୟ କରିବାପାଇଁ ଲଗା ହୋଇଥିଲା ରଙ୍ଗୀନ ଆଲୁଅ ଏବଂ ବଡ଼ବଡ଼ ସ୍ପିକର। ସେସବୁ ଲଗାଉଥିଲା ନୂଆନୂଆ ଏ ଧନ୍ଦାରେ ପଶିଥିବା ମୀନକେତନ ଓରଫ ମିନୁ। ଅନେକ ଦିନଧରି ହେଲ୍ପର କାମକଲାପରେ ଏବେ ନିଜର ଏକ ଧନ୍ଦା ଆରମ୍ଭ କରିଥିଲା ସେ। ଖାଇବାପିଇବା ଭୁଲି ସକାଳରୁ କାମରେ ଲାଗିଥିଲା ସେ।
ସନ୍ଧ୍ୟାରେ ଘରକୁ ଯାଇଥିଲା ଆଉ କିଛି ଜିନିଷ ଆଣିବାପାଇଁ। ସେତେବେଳେ ତା ସହ ଆସି ଯାଇଥିଲା ତାର ଦଶ ବର୍ଷୀୟ ପୁଅ ବିବେକ। ଆସିଥିଲା ମାନେ ତା ମାଆ ତାକୁ ଜୋର କରି ପଠାଇ ଦେଇଥିଲା। କହିଥିଲା -କେବେଠୁଁ ଆଇଁଷ ଛୁଇନି ପିଲାଟା। ସାଙ୍ଗରେ ରହିବ। ଖାଇକି ଆସିବ। ହେଲେ ସନ୍ଧ୍ୟା ଯାଇ ରାତି ଏଗାରଟା ହେଉଥିଲା। ଏଯାଏଁ ଆରମ୍ଭ ହୋଇ ନଥିଲା ଖାଇବା। ମୁଖ୍ୟଙ୍କ ଆଦେଶ ଥିଲା ଏ ବର୍ଷ ଆଉ ଖାଇବାନାହିଁ। ନୂଆବର୍ଷରେ ଖାଇବା। ଏବେ ସୁନ୍ଦର ଭାବେ ଟେବୁଲରେ ସଜାଇ କି ରଖା ହୋଇଥିଲା କେତେ କିସମର ଖାଦ୍ୟ। ଏବେ କେବଳ ଚାଲିଥିଲା ପିଇବା। ଭୋକରେ ଆଉଟୁପାଉଟୁ ହେଉଥିବା ବିବେକ ବସିଥିଲା ବାରଣ୍ଡାର ଗୋଟିଏ କୋଣକୁ। ସେଇଠି ହିଁ ରଖା ହୋଇଥିଲା ଏମ୍ପଲିଫାୟାର। ଶୀତ ପ୍ରବଳ ହେଉଥିଲା। ମିନୁ ଥରେ ସାହସ କରିକି କହିଥିଲା ବି -ଆଜ୍ଞା ପିଲାଟା ଆସିଯାଇଛି ତ। ମୁଠାଏ ଖାଇଦେଲେ ଚଳିବ କି ? ହଠାତ ରାଗି ଯାଇଥିଲେ ମୁଖ୍ୟ - କହିଥିଲେ -ଏଇଥିପାଇଁ ମୁଁ ତୁମ ଛୋଟଲୋକଙ୍କୁ କାମ ଦିଏନାହିଁ। ତୋତେ ଖାଇବାପାଇଁ କିଏ ଡାକିଛି ବେ। ନିଜେ ବଳିଲେ ଖାଇବୁ ଛୁଆ ଆଣିବାପାଇଁ କିଏ କହିଲା ? ଭୀଷଣ ଅପମାନିତ ମନେ କରୁଥିଲା ମିନୁ। ଇଚ୍ଛା ହେଉଥିଲା ଛୁଆକୁ ଯାଇ ଛାଡି କି ଆସିବ ଘରେ କିନ୍ତୁ ଯାଇ ପାରୁ ନଥିଲା ସେ। କାରଣ ଏପଟେ ଆରମ୍ଭ ହୋଇଗଲା ନାଚ। ମଦ ନିଶାରେ ଟୁଲ ହୋଇ ଉଦଣ୍ଡ ନାଚୁଥିଲେ ମୁଖ୍ୟ। ଆଉ ତାଙ୍କ ନାଚ ଦେଖି ତାଳିମାଡ଼ କରି ତାଂକୁ ଆହୁରି ଉତ୍ସାହିତ କରୁଥିଲେ ଆମେରୁଦଣ୍ଡି ଗୋଷ୍ଠି। ହଠାତ ବନ୍ଦ ହୋଇଗଲା ସାଉଣ୍ଡ। ବ୍ୟସ୍ତ ହୋଇକି ଦୌଡ଼ିଗଲା ମିନୁ। ସେଇଠି ଶୋଇ ପଡିଥିଲା ବିବେକ ଏବଂ ସେଇ ଶୋଇବା ଅବସ୍ଥାରେ ତାର ଗୋଡ଼ବାଜି ଛିଣ୍ଡି ଯାଇଥିଲା ତାର। ଦଶ ମିନିଟ ଲାଗିଥିଲା ସଜାଡିବାରେ କିନ୍ତୁ ସେପଟେ ଖଣ୍ଡପ୍ରଳୟ କରୁଥିଲେ ମୁଖ୍ୟ। ଭୁଲ ମାଗୁଥିବା ତଥା କାକୁତିମିନତି ହେଉଥିବା ମିନୁର କୌଣସି କଥା ନଶୁଣି ସେ କାଟି ଦେଇଥିଲେ ଦୁଇ ହଜାର ଟଙ୍କା। ତାଙ୍କ ମୁଡ଼ ଖରାପ ହୋଇଯାଇଥିଲା। ଏପଟେ କିନ୍ତୁ ସରି ଯାଇଥିଲା ଦାମିକା ପାନୀୟ। ତାଙ୍କ ମୁଡ଼କୁ ସଜାଡ଼ିବାକୁ ଗାଡି ଧରି ଧାଇଁଥିଲା ଜଣେ ଆମେରୁଦଣ୍ଡି। ବାକି ଆମେରୁଦଣ୍ଡି ତକ ମୁଖ୍ୟଙ୍କ ନିଷ୍ପତ୍ତିର ପ୍ରଶଂସା କରୁଥିଲେ। ପ୍ରବଳ ଶୀତରେ ଲାଭ ତକ ହରାଇ ଚୁପଚାପ ଆସି ବସି ପଡିଥିଲା ମିନୁ।
ଏମାନଙ୍କ ଖାଇବା ପାଳି ପଡିଥିଲା ପ୍ରାୟ ଗୋଟିଏରେ। ନାଲିପାଣିର ପ୍ରଭାବ ଏଯାଏଁ ଥିଲା। ଉଦଣ୍ଡ ନୃତ୍ୟ ତଥାପି ଚାଲିଥିଲା। କାହିଁକି ଏମାନେ ଏମିତି ନାଚୁଛନ୍ତି। ନୂଆବର୍ଷରେ କଣ ନୂଆହେବ ? ସେ ଚିନ୍ତା କରୁଥିଲା ବିବେକ କିନ୍ତୁ ଅନେକ ଦିନପରେ ତାକୁ ମିଳିଥିଲା ଆଇଁଷ। ଖୁସିରେ ଖାଇ ଚାଲିଥିଲା ସେ। ପାଟିକୁ ଖାଦ୍ୟ ଯାଉ ନଥିଲା କିନ୍ତୁ ବିବେକର ଖୁସିକୁ ଦେଖି ଖୁସି ହେଉଥିଲା ମିନୁ। ହସୁଥିଲା ସେ ହେଲେ ଆଖିରୁ ଝରି ପଡିଥିଲା ଦୁଇଟୋପା ପାଣି। ଶୀତ ବଢୁଥିଲା।

ହେମଗିର ସୁନ୍ଦରଗଡ଼ ୧୩
୯୭୭୮୧୭୪୯୭୮

# ସ୍ମୃତିର ସ୍ୱାଦ : ଦହିବରା

▶ ଡ. ସନ୍ତୋଷ କୁମାର ପଣ୍ଡା



ସନ୍ଧ୍ୟା ନଇଁ ଆସୁଥିଲା। କଟକ ସହରର ସେଇ ବ୍ୟସ୍ତବହୁଳ ଗଳି କନ୍ଦିରେ ଲୋକଙ୍କ ଭିଡ଼ ଜମିଥିଲା। ହେଲେ ସେ ଭିଡ଼ ଭିତରେ ବି ଗୋଟେ ନିଆରା ବାସ୍ନା ସୁମିତର ପାଦକୁ ଅଟକାଇ ଦେଲା। ସେଇଟା ଥିଲା ରାମଭାଇଙ୍କ ଦହିବରା-ଆଳୁଦମ୍‌ର ବାସ୍ନା।
ସୁମିତ ଅଫିସରୁ ଫେରିବା ବେଳେ ଥକି ଯାଇଥିଲା, କିନ୍ତୁ ସେଇ ଧଳା ଧଳା ନରମ ବରା ଉପରେ ପଡୁଥିବା ଥଣ୍ଡା ଦହି ପାଣି ଆଉ ପାଖରେ ମସଲାଦାର ଗରମ ଆଳୁଦମ୍‌କୁ ଦେଖି ତା'ର ସବୁ କ୍ଲାନ୍ତି ଯେମିତି କୁଆଡ଼େ ହଜିଗଲା। ସେ ଗୋଟେ ପ୍ଲେଟ୍ ପାଇଁ ଅର୍ଡର ଦେଲା। ରାମଭାଇ ହାତରେ ଦୁଇଟା ବରା ଚିପୁଡ଼ି ତା' ଉପରେ ପର୍ଯ୍ୟାପ୍ତ ଆଳୁଦମ୍, ଘୁଗୁନି, କଟା ପିଆଜ, ସେଉ, ପୁଦିନା ଓ ଧଣିଆ ପତ୍ର କଟା, ଆଉ ଟିକେ ଲଙ୍କା ଗୁଣ୍ଡ ଛିଞ୍ଚି ବଢ଼ାଇ ଦେଲେ। ପ୍ରଥମ ଚାମଚ ପାଟିରେ ଦେଉ ଦେଉ ସୁମିତ ଆଖି ବୁଜି ଦେଲା। ଦହିର ସେଇ ଥଣ୍ଡା ଆଉ ଖଟା-ମିଠା ସ୍ୱାଦ, ଆଳୁଦମ୍‌ର ତେଜ୍ ରାଗ, ଆଉ ଶେଷରେ ସେଇ 'ଦହିପାଣି' କେତେ ଢୋକା ତାକୁ ଲାଗିଲା ସେ ଯେମିତି ତା'ର ପିଲାଦିନକୁ ଫେରିଯାଇଛି। ସହର ବଦଳି ଯାଇଛି, ଅଫିସର କାମ ବଢ଼ିଯାଇଛି, କିନ୍ତୁ ଏଇ ଦହିବରାର ସ୍ୱାଦ ଆଜି ବି ସେମିତି ଅଛି— ଅପରିବର୍ତ୍ତିତ ଆଉ ଆତ୍ମୀୟ। ପଇସା ଦେଲା ବେଳେ ସୁମିତ ହସି କହିଲା, 'ରାମଭାଇ, ଆପଣଙ୍କ ଦହିବରା ଖାଲି ପେଟ ପୁରାଏନି ମ, ମନ ବି ପୁରାଇଦିଏ।' ରାମଭାଇ ମଧ୍ୟ ମୁରୁକି ହସି କହିଲେ, 'ବାବୁ, ଏଇଟା ତ ଆମର ଭଲପାଇବା!'

*କଟକ, ମୋ : ୮୨୪୯୦୨୧୪୨୪*

# ଉପହାର

▶ ମହାଶ୍ୱେତା ପାଣିଗ୍ରାହୀ



ଶୀତର ପ୍ରକୋପକୁ ଭୃକ୍ଷେପ ନକରି ଦ୍ରୁତଗତିରେ ଗାଡ଼ି ଚଳାଇ ଅଜିତ୍ ଫେରୁଥିଲେ ଘରକୁ। ଆଜି ମାନିର ଜନ୍ମଦିନ। ଯେମିତି ହେଉ ଶୀଘ୍ର ପହଞ୍ଚିବାକୁ ହେବ। ରାସ୍ତା ସାରା କୁହୁଡ଼ି ଭରା। ହାତ ପାଦ ସବୁ ଥଣ୍ଡା ପଡ଼ିଗଲାଣି। ଦୂରରେ ଚାକିରି, ସପ୍ତାହରେ ଥରେ ସେ ଘରକୁ ଆସନ୍ତି, ଘରେ ସ୍ତ୍ରୀ ମାନି ଆଉ ଦୁଇ ଝିଅ ସୁମି ଓ ସୁନି। ପିଲାଙ୍କ ପଢ଼ା ନେଇ ମାନି ସବୁବେଳେ ବ୍ୟସ୍ତ। ମାନି ପିଲାଙ୍କୁ ପଢେଇବା ପାଇଁ ସକ୍ଷମ ଥିଲେ ମଧ୍ୟ ବାହାରେ ପିଲାଙ୍କୁ ଟିଉସନ ଦିଅନ୍ତି। ଆଜିକାଲିକା ପିଲା ପୁଣି ଆଜିକା ଯୁଗର ପାଠ ଯେମିତି ନା ଯଦି ସେମିତି ତାଳ ଦେଇ ନଚାଲିବା ତା ' ହେଲେ ପଛରେ ପଡ଼ିବା ଥୟ। ବିବାହର ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ ସ୍ତ୍ରୀ ମାନି ଓରଫ ମନସ୍ୱିନୀଙ୍କୁ ବୁଝି ପାରି ନାହାନ୍ତି ଅଜିତ୍। ଗହଣା ପ୍ରତି ଆସକ୍ତି ସହିତ ସରପ୍ରାଇଜ୍ ତାଙ୍କର ଭାରି ସଉକ। ଆଉ ଏଇ ତଉଲରେ ହାରି ଯାଆନ୍ତି ସେ। ପ୍ରତିଥର ସମ୍ପୂର୍ଣ୍ଣ ଅଲଗା ମଣିଷ ମାନି, ଯେମିତି ନୂତନତାର ପରିଧି ଆଙ୍କୁଥିବା ରଙ୍ଗୀନ ବସନ୍ତ ସେ, ନୀରବତାର ଚାରୁ ଚିତ୍ରକଳାର ଅଭିନ୍ନ ରୂପରେଖା ସେ, ଦ୍ୱନ୍ଦ୍ୱ ଆଉ ସମାଧାନ ଭିତରେ ଅଦୃଶ୍ୟ କିଞ୍ଚିତ ଭାବାବେଗ ସେ, ହାସ୍ୟମୟୀ, ଲାସ୍ୟମୟୀ ପ୍ରେମ ପ୍ରଣୟର ସ୍ୱଚ୍ଛ ଝରଣାର ମୁକ୍ତ ଜଳଧାରା ସେ। ଏମିତି ଅନେକ କିଛି ଭାବୁ ଭାବୁ ଘରେ ପହଞ୍ଚିଗଲେ ଅଜିତ। ଆଡ଼ ଆଉଜା ଦରଜା ଖୋଲି ଦେଖନ୍ତି ତ ମାନି ଖୁବ୍ ବ୍ୟସ୍ତ। ଆରେ ମାନି ଜନ୍ମଦିନର ଶୁଭେଚ୍ଛା..., ଏଯାଏଁ ତମେ ରେଡ଼ି ହୋଇନ, ଆଜି ତ ରବିବାର, କଣ ଏସବୁ ଚାଲିଛି ।
ଆରେ ତମେ, କେତେବେଳେ ଆସିଲ, କାହିଁ ମୋତେ କହିନ ତ !
ମୁଁ ତ ତମକୁ ସର୍ପ୍ରାଇଜ ଦେବାକୁ...
ଆଚ୍ଛା ଏ ଶୀତ କାକରରେ, ଏ ସକାଳୁ ଦୀର୍ଘ ଶ୍ୱାସ ଟିଏ ନେଲେ ଅଜିତ୍
ହଉ ହଉ ବସ, ମୁଁ ଚାହା ଜଳଖିଆ ଆଣୁଛି
ଘରର ମାହୋଲ ଅସ୍ତବ୍ୟସ୍ତ ଦେଖି ଭଲଭାବେ ନଜର ଘୁରାଇ ଆଣିଲେ ଅଜିତ୍, ଇଏ କଣ ଚାଲିଛି ଆଜି ଘରେ ?
ଆରେ ତମେ ଥୟ ଧର
ମୁଁ କହୁଛି ନା, କହିଲେ ମାନି ଆଜି ପିଲାଙ୍କ ଆନୁଆଲ ଡେ ସେଲିବ୍ରସନ ଅଛି, ଭୀଷଣ ଥଣ୍ଡା ଯୋଗୁଁ ସ୍କୁଲ ଦିନବେଳା ଆୟୋଜନ କରିଛି। ତେଣୁ ସେମାନଙ୍କୁ ଡ୍ରେସିଂ କରି, ଯାଇ ଛାଡ଼ି ଏଇନେ ଘରକୁ ଆସିଲି, ସବୁ ପଡିଛି, ସଜାଡୁଥିଲି, ତମେ ଆସିଗଲ। ଜାଣିଛ ସେ ସ୍କୁଲ ଅଟୋ ଖଣ୍ଡେ ଦୂରକୁ ଚାଲିଯାଇଥିଲା। ପିଲାଙ୍କୁ ନିଆ ଅଣା କରିବା ବହୁତ ଅସୁବିଧା ହେଉଛି। ଗୋଟେ ସ୍କୁଟି ଆଣିଥିଲେ ହୁଅନ୍ତା ନି ! ମାର୍କେଟ ଯିବା ପାଇଁ ହେଉ କିମ୍ବା ପିଲାଙ୍କ ସ୍କୁଲ ଟିଉସନ ହେଉ, ଗାଡିଟିଏ ନିହାତି ଜରୁରୀ। ଏହା ଅନେକ ଥର ଅନୁଭବ କରିଛନ୍ତି ଅଜିତ୍, କିନ୍ତୁ କଣ ଉପାୟ ! ନିଜ ଅପାରଗ ପଣିଆକୁ ଖୁବ୍ ଧିକ୍କାରିଲେ ସେ। ବାହାଘର ପରଠୁ କର୍ମମୟ ଜୀବନର ବ୍ୟସ୍ତତା ଭିତରେ ଚିରାଚରିତ ଜୀବନ ଜିଇଁଲା ବେଳେ ଅନବରତ ଦୌଡୁ ଥିବା ସମୟକୁ କଣ ଅଣ୍ଟିରେ ଭିଡ଼ି ହୁଏ। ଅଳପ ଧନ ବିକଳ ମନ। କୋଉଟା ଧରିବେ କୋଉଟା ଛାଡ଼ିବେ ପୁଣି ! ଭାରି ଇଚ୍ଛା ହୁଏ କିଛି ଟଙ୍କା ସଂଚୟ କରି ଏଥର ସୁନାର କାନଫୁଲ ଟିଏ କିମ୍ବା ଲାଲ ପଥର ମୁଦି ଖଣ୍ଡେ ସ୍ତ୍ରୀ ପାଇଁ କରିଦେବାକୁ, କିନ୍ତୁ, ବାପା ମାଆଙ୍କ ଦାୟିତ୍ୱ ସହ ପରିବାର ପ୍ରତିପଷୋଣ କରୁ କରୁ ମାସ ସରିବା ବହୁତ ପୂର୍ବରୁ ଦରମା ଗଣ୍ଡାକ ସରି ଯାଇଥାଏ। ମାନିଙ୍କ ମାନ ପାଖରେ ନିଜର ମନ କଥା ଦବେଇ ହସି ଦିଅନ୍ତି ଅଜିତ୍। ଏଥର କିନ୍ତୁ ମନେ ରଖି, ପ୍ଲାନ କରି ସେ ଆସିଛନ୍ତି, ଯେମିତି ମାନିର ଆଉ ଅଭିମାନ, ଗୁମାନ କିଛି ନରହେ। ସେ ଯେମିତି ଘରକୁ ସମ୍ଭାଳି ପିଲାଙ୍କୁ ମଣିଷ କରିବା ପାଇଁ ଅହରହ ଲାଗି ପଡିଛନ୍ତି, ତାଙ୍କୁ ଟିକିଏ ଖୁସିରେ ଉପହାରଟିଏ ଦେବା କ'ଣ ସ୍ୱାମୀର କର୍ତ୍ତବ୍ୟ ନୁହଁ।
ମନ୍ଦିରରୁ ଫେରିଲା ବେଳେ ବାତାବରଣ ଅତି ସ୍ୱଚ୍ଛ ଓ ଶାନ୍ତ ଥିଲା। ମାନି ମନ୍ଦିରରୁ ଗହଣା ଦୋକାନ ଯିବାକୁ ସିଧା ମନା କରିଦେଇଥିଲେ। ସଞ୍ଚିତ ଟଙ୍କା ଧରି ସିଧା ଚାଲିଥିଲେ ସେକେଣ୍ଡ ହ୍ୟାଣ୍ଡ ଶୋ ରୁମକୁ ଆଉ ଗୋଟିଏ ସ୍କୁଟି କିଣି ଆଣିଥିଲେ, ବାକି ଟଙ୍କା ବାପାଙ୍କ ପାଖକୁ ପଠାଇବା ପାଇଁ କହି ଖୁବ୍ ଆନନ୍ଦ ଅନୁଭବ କରିଥିଲେ। ଗହଣା ପ୍ରତି ନାରୀର ଲୋଭ ତ ସ୍ୱାଭାବିକ କିନ୍ତୁ ଆଜି ସବୁ ପୁଣି ଥରେ ଅବୁଝା ହେଉଥିଲା ତାଙ୍କ ପାଇଁ। ସରପ୍ରାଇଜ୍ ଗିଫ୍ଟ ବା ଉପହାର ପାଇଯାଇଥିଲେ ଅଜିତ୍ ଆଉ ମାନିଙ୍କ ଅଭିମାନ ଆଜି ଅଭିନବ ଆଦର୍ଶ ଗୃହିଣୀର ରୂପ ନେଇ ସାରିଥିଲା। ନିଜେ ପାଲଟି ଯାଇଥିଲେ ଏକ ଉପହାର।

ସାଇ ପ୍ରିୟା ନଗର
ରାୟଗଡ଼, ମୋ :
୭୦୦୮୧୯୨୪୫୩

# ଅନ୍ତରର ଶାନ୍ତି

▶ ସୁନନ୍ଦା ମହାନ୍ତି



ପ୍ରଥମାଷ୍ଟମୀ ଦିନ ମିନୁ ପାଇଁ ପିଠା ମିଠା ଓ ଢେର ସାରା ଜିନିଷ ନେଇ ଅଜା ଆଈ ଆସିଥାଆନ୍ତି ତାଙ୍କ ଘରକୁ। ମିନୁର ଭଳି ଭଳି ରଙ୍ଗ ବେରଙ୍ଗର ପୋଷାକ ସାଙ୍ଗକୁ ରଙ୍ଗ ବେରଙ୍ଗ ଡିଜାଇନର ଜୋତା ଓ ଛତା ଥାଏ ତଥାପି ଅଜା ଆଣିଥିବା ଛତା ଓ ଜୋତା ଖୁବ ସୁନ୍ଦର ଥିବାରୁ ତାକୁ ପିନ୍ଧି ପରଦିନ ସ୍କୁଲ ଗଲା ମିନୁ। ସମସ୍ତେ ତାର ନୂଆ ଜୋତା ଓ ଛତାର ପ୍ରଶଂସା କଲାବେଳେ ମିନୁ ଲକ୍ଷ୍ୟ କଲା କାମିନୀ ବୋଲି ସାଙ୍ଗ ଝିଅଟି କାନ୍ଦୁଛି। କାହିଁକି କାନ୍ଦୁଛୁ ବୋଲି ମିନୁ ପଚାରିଥିଲା ତ କାମିନୀ ଶୁଖିଲା ହସ ହସିଦେଇ ଚୁପ ରହିଲା କିନ୍ତୁ ସ୍ନିଗ୍ଧା ଗୁରୁମା ଯେବେ କାମିନୀକୁ ଚକ ଆଣିବାକୁ ପଠେଇଲେ ସେ ଖାଲି ପାଦରେ ଯିବାରୁ ମିନୁ ଦେଖିଲା ଡ଼େକ୍ସ ପାଖରେ ଥୁଆ ଯାଇଛି କାମିନୀର ଛିଣ୍ଡା ଚପଲ ଦୁଇଟି ତ ତା ମନରେ କାମିନୀ ପ୍ରତି ଖୁବ ଦୟା ହେଲା। ତା ପାଖରେ ଭଳି ଭଳି କମ୍ପାନୀର ସୁନ୍ଦର ସୁନ୍ଦର ଜୋତା ଚପଲ ଥିଲା ବେଳେ କାମିନୀର ଛିଣ୍ଡା ଚପଲ ପାଇଁ ସେ ମନ ଉଣା କରିଛି ବୋଲି ବୁଝିବାକୁ ବାକି ରହିଲା ନାହିଁ ମିନୁକୁ । ପୁଣି ନିଜର ନୂଆ ଜୋତା ହଳଟି କାମିନୀକୁ ଦେଲେ ସେ ନେବ କି ନାହିଁ ପୁଣି ମିନୁ ପାଇଁ ଯାହା ନୂଆ କାମିନୀ ପାଇଁ ତାହା ପୁରୁଣା ହୋଇଯିବ ଭାବି ଚୁପ ଚାପ କାମିନୀ ପାଖରେ ବସି ରହିଲା ମିନୁ ।
କାମିନୀ ଖୁବ ଭଲ ପଢେ ତେଣୁ ସେ ତାର ଖାତାରେ ଅଙ୍କ କଷୁଥିବା ଭିତରେ ମିନୁ ତା ପାଖକୁ ଲାଗିଯାଇ କହିଲା କାମିନୀ ଆମ ଘରକୁ ମୋ ଅଜା ଆଈ ଆସିଛନ୍ତି। ସେ ଗୋଟେ ଜୋତା କାରଖାନା ଖୋଲି ପୁରୁଣା ଜୋତା ସବୁକୁ ନୂଆ ଜୋତା କରୁଥିବାରୁ କଞ୍ଚାମାଲ ରୂପେ ପୁରୁଣା ଚପଲ ଜୋତା ସଂଗ୍ରହ କରୁଛନ୍ତି ତା ଛଡା ମୋର ଏ ଜୋତା ଦୁଇଟି ପିନ୍ଧି ତୁ ଘରକୁ ଯା। ଏହି ଭଳି ଜୋତା କରିବାକୁ ସେ ପୁରୁଣା ଜୋତା ଓ ଚପଲ ସଂଗ୍ରହ କରୁଛନ୍ତି ବୋଲି କହି ଯାହାର ସବୁ ପୁରୁଣା ଜୋତା ଓ ଚପଲ ଥିବ ସେମାନେ ତାକୁ ସବୁ ଏକାଠି କରି ରଖିଥାଆନ୍ତୁ ଅଜା ପରେ ଆସିଲେ ନେଇଯିବେ ବୋଲି କହିବୁ। ଆଉ ଆଜି ଏ ଜୋତା ବଦଳରେ ତୋ ପୁରୁଣା ଚପଲ ମତେ ଦେ। କାମିନୀ ରାଜି ହୋଇଗଲା ତ ମିନୁର ଜୋତା କାମିନୀକୁ ହେଉଥିବାରୁ ସେ ତା ନିଜ ଗୋଡ଼ରେ ପିନ୍ଧି ସ୍କୁଲ ଛୁଟି ପରେ ଘରକୁ ହସି ହସି ଯିବାର ଦୃଶ୍ୟରେ ମିନୁ ସେଦିନ ଯୋଉ ଅନ୍ତରରେ ଶାନ୍ତି ପାଇଥିଲା ତାହା ଅବର୍ଣ୍ଣନୀୟ ଥିଲା. ଏଡ଼େ ଖରା ଗରମ ଦିନରେ ନିଜ ଗରୀବ ସାଙ୍ଗ କାମିନୀକୁ ଜୋତା ଦେଇଥିବାରୁ ଅଜା ଆଈ ଖୁବ ଖୁସି ହୋଇଥିଲେ ଓ ଆଉ ଦୁଇ ହଳ ନୂଆ ଜୋତା ମିନୁ ପାଇଁ ଆଣିଦେଇଥିଲେ। ସନ୍ଧ୍ୟାରେ ଅଜା ଆଈଙ୍କ ସହ କାମିନୀ ଘରକୁ ଯାଇ ତାପାଇଁ ନୂଆ ଜୋତା ସହ ନୂଆ ଛତା ଦେଲାବେଳେ ଅଜା କାମିନୀ ସଂଗ୍ରହ କରିଥିବା ପୁରୁଣା ଜୋତା ଚପଲ ବ୍ୟାଗ ସବୁକୁ ଆଣିବାକୁ ଭୁଲି ନଥିଲେ। ବାଟରେ ଫିଙ୍ଗି ଦେଇ କହିଥିଲେ ମିଛ ବି ବେଳେ ବେଳେ ଶାନ୍ତି ଦିଏ ନା ମିନୁ। ମିନୁ କହିଥିଲା ମିଛ କହିବା ମହାପାପ.... ରାତିରେ ଦେଖିବ ନାଗସାପ ଜାଣି ମଧ୍ୟ ମୁଁ କାମିନୀକୁ ମିଛ କହିଥିଲି ଅଜା. ଆଈ କହିଲେ ନହେଲେ କାମିନୀ କଣ ତୋ ଜୋତା ଗ୍ରହଣ କରିଥାନ୍ତା !ତୁ ଠିକ କରିଛୁ କହି ଅଜା ଆଈ ଆହୁରି ଅନେକ ଜିନିଷ କିଣେଇ ଦେଇଥିଲେ ମିନୁକୁ।

ସାକ୍ଷୀଗୋପାଳ
ପୁରୀ, ମୋ : ୯୦୪୦୯୭୭୩୨୭

# ବିରାଟଙ୍କୁ ପଛରେ ପକାଇଲେ ଋତୁରାଜ ଗାୟକ୍ୱାଡ଼



**ନୂଆଦିଲ୍ଲୀ**

ଋତୁରାଜ ଗାୟକ୍ୱାଡ଼ଙ୍କ ବିଶ୍ୱ ରେକର୍ଡ଼ । ବିରାଟଙ୍କୁ ପଛରେ ପକାଇଲେ ଋତୁରାଜ । ଯାହା ଏବେ ବେଶ୍ ଚର୍ଚ୍ଚାରେ ରହିଛି । ଋତୁରାଜ ଗାୟକଓ୍ୱାଡ଼ ବିଶ୍ୱ ରେକର୍ଡ଼ କରି ନୂଆ ଇତିହାସ ଲେଖିଛନ୍ତି । ୮ ଜାନୁଆରୀରେ ବିଜୟ ହଜାରେ ଟ୍ରଫିରେ ଗାୟକ୍ୱାଡ଼ ଗୋଆ ବିପକ୍ଷରେ ୧୩୪ ରନର ପାଳି ଖେଳିଥିଲେ । ଯାହା ଲିଷ୍ଟ-ଏ କ୍ୟାରିୟରରେ ତାଙ୍କର ୨୦ତମ ଶତକ । ପ୍ରକାଶ ଯେ, ସେ ଶତକର ରେକର୍ଡ଼ ନୁହେଁ ବରଂ ସେ ଲିଷ୍ଟ-ଏ କ୍ରିକେଟର ଦୁନିଆରେ ସବୁଠାରୁ ଭଲ ପ୍ରତିଶତରେ ରନ୍ କରିଥିବା ବ୍ୟାଟର ହୋଇଯାଇଛନ୍ତି । ସେ ଅଷ୍ଟ୍ରେଲିଆର ଭେଟରାନ ବ୍ୟାଟର ମାଇକଲ ବେଭାନଙ୍କ ରେକର୍ଡ଼ ଭାଙ୍ଗି ଦେଇଛନ୍ତି । ଋତୁରାଜ ଗାୟକ୍ୱାଡ଼ ଏବେ ପର୍ଯ୍ୟନ୍ତ ବିଜୟ ହଜାରେ ଟ୍ରଫି ୨୦୨୫-୨୬ରେ ମହାରାଷ୍ଟ୍ର ଲାଗି ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳି ହୋଇଯାଇଛନ୍ତି । ସେ ଏବେ ପର୍ଯ୍ୟନ୍ତ ୭ପାଳିରେ ୮୨.୬୦ର ସାନଦାର୍ ପ୍ରତିଶତରେ ୪୧୩ ରନ୍ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଗାୟକ୍ୱାଡ଼ ଏବେ ପର୍ଯ୍ୟନ୍ତ ୨ ଥାକ ଏବଂ ଗୋଟିଏ ଅର୍ଦ୍ଧଶତକ ମାରି ସାରିଛନ୍ତି ।

ଲିଷ୍ଟ-ଏ କ୍ରିକେଟରେ ଯେଉଁ ବ୍ୟାଟର ୫୦ ପାଳି ଖେଳିଛନ୍ତି ସେମାନଙ୍କ ମଧ୍ୟରୁ ଗାୟକ୍ୱାଡ଼ଙ୍କ ପ୍ରତିଶତ ସବୁଠାରୁ ଭଲ ରହିଛି । ଗାୟକଓ୍ୱାଡ଼ ଲିଷ୍ଟ-ଏ କ୍ୟାରିୟରରେ ୯୫ ପାଳିରେ ୫,୦୬୦ରନ୍ କରିଛନ୍ତି ଏବଂ ତାଙ୍କର ମୋଟ୍ ପ୍ରତିଶତ ୫୮.୮୩ର ଅଟେ । ଯାହା ଏବେ ପର୍ଯ୍ୟନ୍ତ ଲିଷ୍ଟ-ଏ କ୍ରିକେଟ ଇତିହାସରେ ସବୁଠାରୁ ଅଧିକ ଅଟେ । ସେ ଅଷ୍ଟ୍ରେଲିଆର ମାଇକଲ ବେଭନଙ୍କ ପଛରେ ପକାଇଛନ୍ତି । ଯିଏ ଲିଷ୍ଟ-ଏ କ୍ରିକେଟରେ ୫୭.୮୬ର ପ୍ରତିଶତରେ ରନ୍ କରିଥିଲେ । ଏହି ସୂଚିରେ ଗାୟକଓ୍ୱାର୍ଡ଼ ବିରାଟ କୋହଲି ଏବଂ ଚେତେଶ୍ୱର ପୂଜାରାଙ୍କୁ ବି ପଛରେ ପକାଇଦେଇଛନ୍ତି ।

୫୮.୮୩ - ଋତୁରାଜ ଗାୟକ୍ୱାଡ଼, ୫୭.୮୬- ମାଇକଲ ବେଭନ, ୫୭.୭୬- ସ୍ୟାମ ହଇନ, ୫୭.୨୭- ବିରାଟ କୋହଲୀ, ୫୭.୦୧- ଚେତେଶ୍ୱର ପୂଜାରା ।

# ବିଜୟ ହଜାରେ ଟ୍ରଫିରେ ଛକା ବର୍ଷା କଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଘରୋଇ କ୍ରିକେଟରେ ଗର୍ଜିଛି ଟିମ୍ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟ୍ । ବିଜୟ ହଜାରେ ଟ୍ରଫିରେ ବରୋଦା ପକ୍ଷରୁ ଖେଳୁଥିବା ପାଣ୍ଡ୍ୟାଙ୍କ ବ୍ୟାଟ୍ ଚମକିଛି । ଚଣ୍ଡିଗଡ଼ ବୋଲରଙ୍କୁ ଧୂଳେଇ କରିଛନ୍ତି ପାଣ୍ଡ୍ୟା । ସେ ୩୧ ବଲରୁ ୭୫ ରନର ବିସ୍ଫୋରକ ପାଳି ଖେଳିଛନ୍ତି । ତେବେ ପାଣ୍ଡ୍ୟାଙ୍କ ଏହି ଦମ୍‌ଦାର ପ୍ରଦର୍ଶନକୁ ଫ୍ୟାନ୍‌ମାନେ ବେଶ୍ ଉପଭୋଗ କରିଥିଲେ ।

ଏହି ମ୍ୟାଚରେ ପାଣ୍ଡ୍ୟା ୬ ନମ୍ବରରେ ବ୍ୟାଟିଂ ପାଇଁ ଆସିଥିଲେ । ସେ ୩୧ ବଲରୁ ୭୫ ରନର ପାଳି ଖେଳିଥିଲେ । ଯେଉଁଥିରେ ୯ଟି ବିଶାଳ ଛକା ଏବଂ ୨ଟି ଚୌକା ରହିଥିଲା । ସେ ୨୪୦ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ ଜାରି ରଖିଥିଲେ । ପ୍ରତିପକ୍ଷ



ବୋଲରଙ୍କୁ ଫୁଲ୍ ଧୁଲେଇ କରୁଥିଲେ ପାଣ୍ଡ୍ୟା ।

ହାର୍ଦ୍ଦିକ ବିଜୟ ହଜାରେ ଟ୍ରଫିରେ ଚଳିତ ବର୍ଷ ନିଜର ଦ୍ୱିତୀୟ ମ୍ୟାଚ୍ ଖେଳିଛନ୍ତି । ସେ ପ୍ରଥମ ମ୍ୟାଚ୍‌ରେ ୯୨ ବଲରୁ ୧୩୩ ରନ ସଂଗ୍ରହ କରିଥିଲେ । ଯାହାକି ଲିଷ୍ଟ-ଏ କ୍ରିକେଟରେ ତାଙ୍କର ପ୍ରଥମ ଶତକ । ଏହାସହ ସେ ଦୁଇଟି ମ୍ୟାଚ୍ ଖେଳିଥିବାବେଳେ ୨ଶହରୁ ଅଧିକ ସ୍କୋର କରିବାରେ ମଧ୍ୟ ସକ୍ଷମ ହୋଇଛନ୍ତି । ଏହି ଦୁଇଟି ପାଳିରୁ ପାଣ୍ଡ୍ୟା ୨୦ ଛକା ମାରିସାରିଛନ୍ତି । ସେପଟେ ଚଣ୍ଡିଗଡ଼ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟାଙ୍କ ସହ ପ୍ରିୟାଂଶୁ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ । ସେ ୧୦୬ ବଲରୁ ୧୧୩ ରନ କରିଥିଲେ । ଏହି ମ୍ୟାଚ୍‌ଟି ବରୋଦା ୧୪୯ରେ ବିଜୟ ହାସଲ କରିଥିଲା । ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ଭାରତୀୟ ଦଳରେ ନଜର ଆସିବେ ପାଣ୍ଡ୍ୟା । ତେବେ ଏହି ସିରିଜ ପୂର୍ବରୁ ତାଙ୍କର ଏଭଳି ପ୍ରଦର୍ଶନ ଆଗକୁ ବେଶ୍ ପ୍ରଭାବ ପକାଇବ ନିଶ୍ଚୟ ।

# ଭାରତର ବିକ୍ରମ ରାଠୌର ହେବେ ଶ୍ରୀଲଙ୍କାର ବ୍ୟାଟିଂ ପରାମର୍ଶଦାତା

**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ ଫେବୃୟାରୀ ୭ରୁ ଆରମ୍ଭ ହେବ । ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବେ, ଯାହା ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏକ ବଡ଼ ପଦକ୍ଷେପ ନେଇଛି ।

ଗୁରୁବାର, ଶ୍ରୀଲଙ୍କା କ୍ରିକେଟ ପୂର୍ବତନ ଭାରତୀୟ ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୌରଙ୍କୁ ଏହାର ନୂତନ ବ୍ୟାଟିଂ ପ୍ରଶିକ୍ଷକ (ପରାମର୍ଶଦାତା) ଭାବରେ ନିଯୁକ୍ତ କରିଛି । ରାଠୌର ୨୦୨୬ ଟି୨୦ ବିଶ୍ୱକପ ପାଇଁ ପ୍ରସ୍ତୁତିରେ ଶ୍ରୀଲଙ୍କାକୁ ସହାୟତା କରିବେ । ରାଠୌର ଜାନୁଆରୀ ୧୮ରେ ଦଳର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କର ଚୁକ୍ତିନାମା ଟି୨୦ ବିଶ୍ୱକପ ସମାପ୍ତ ହେବାର ଦୁଇ ଦିନ ପରେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଶ୍ରୀଲଙ୍କା କ୍ରିକେଟ ଘୋଷଣା କରିଛି ଯେ ପୂର୍ବତନ ଭାରତୀୟ ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୌରଙ୍କୁ ଶ୍ରୀଲଙ୍କା ଜାତୀୟ ଦଳର ବ୍ୟାଟିଂ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଛି । 'ତାଙ୍କୁ ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଛି ଏବଂ ତାଙ୍କର ପ୍ରାଥମିକ ଧ୍ୟାନ ୨୦୨୬ ଆଇସିସି ପୁରୁଷ



ଟି୨୦ ବିଶ୍ୱକପ ପାଇଁ ଦଳକୁ ପ୍ରସ୍ତୁତ କରିବା ଉପରେ ରହିବ,' ଶ୍ରୀଲଙ୍କା କ୍ରିକେଟ ଏକ ବିବୃତ୍ତିରେ କହିଛି ।

ଯେତେବେଳେ ରାହୁଲ ଦ୍ରାବିଡ଼ ଭାରତୀୟ ପୁରୁଷ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଥିଲେ, ରାଠୋର ପ୍ରଶିକ୍ଷକ ଦଳର ଅଂଶ ଥିଲେ । ସେ ସେପ୍ଟେମ୍ବର ୨୦୧୯ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଦଳକୁ ପ୍ରଶିକ୍ଷକ ଦାୟିତ୍ୱ ଦେଇଥିଲେ । ସେ ୨୦୨୩ ଓଡିଆଇ ବିଶ୍ୱକପ ଏବଂ ୨୦୨୪ ଟି-୨୦ ବିଶ୍ୱକପ ଫାଇନାଲରେ ପହଞ୍ଚିଥିବା ଦଳର ଅଂଶ ଥିଲେ । ଭାରତୀୟ ଦଳ ପରେ, ରାଠୋର ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ବ୍ୟାଟିଂ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରନ୍ତି । ପୂର୍ବତନ ଭାରତୀୟ କ୍ରିକେଟର ରାଠୋର ତାଙ୍କ କ୍ୟାରିୟରରେ ଛଅଟି ଟେଷ୍ଟ ମ୍ୟାଚ ଏବଂ ସାତଟି ଓଡିଓ ଖେଳିଛନ୍ତି ।

# ଜେକେ ପେପର୍ ଲିମିଟେଡ୍‌ରେ ଟି-୨୦ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜେକେ ପେପର୍ ଲିମିଟେଡ୍ ୩ ପ୍ରଡକସନ୍ ୟୁନିଟ୍, ଜେକେ ପେପର୍ ମିଲ୍ସ, ଜେକେପୁର, ସେଣ୍ଟ୍ରାଲ ପଲ୍ପ ମିଲ୍ସ, ସୋନଗଡ଼, ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀ, ମଧ୍ୟରେ ୟୁନିଟ୍ ସ୍ତରୀୟଟି ୨୦ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟଟି ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ ପେପର୍ ମିଲ୍ସର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍ ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ଜେକେ ପେପର୍ ମିଲ୍ସ, ଜେକେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜେ.କେ. ପେପର୍ ମିଲ୍ସ ଟିମ୍ ଟସ୍ ଜିଣି ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିବା ବେଳେ ଶିରିପୁର ଟିମ୍ ସମସ୍ତ ୱିକେଟ ହରାଇ ୧୯.୧ ଓଭର ରେ ୭୬ ସଂଗ୍ରହ କରି ଥିଲେ । ଜେଜେ ପେପର୍ ମିଲ୍ସ ଟିମ୍‌ର ମହମ୍ମଦ୍ ଅବେଶ ୩୫ ବଲରେ ୭୨ ରନ୍ ସଂଗ୍ରହ କରି ମ୍ୟାଚ ଅଫ୍ ଦି ମ୍ୟାଚ୍ ହୋଇ ଥିଲେ । ଜେ.କେ. ପେପର୍ ମିଲ୍ସ ଟିମ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ବୀଜୟ ଲାଭ କରିଥିଲା । ଏହି ଲିଗ୍ ଟୁର୍ଣ୍ଣାମେଣ୍ଟରେ ଜେକେ ପେପର୍ ମିଲ୍ସର ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ, ମାନବ ସମ୍ବଳ ବିକାଶ, ଜେକେ କ୍ରିକେଟ କ୍ଲବ, ଜେକେପୁରର ପ୍ରେସିଡେଣ୍ଟ ଦୀପକ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳର ମଜା ନେବା ସହ ଖାଳାଳିଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲେ ।

# ସବ୍ୟସାଚୀ ଦୀନେଶ ମେମୋରିଆଲ ଗିନି କପ୍ : ସେମିଫାଇନାଲରେ ଆଲଫା, ବ୍ରହ୍ମପୁର

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏହି ମ୍ୟାଚ୍‌ରେ ଆଲଫା ବ୍ରହ୍ମପୁର ଖୋର୍ଦ୍ଧାକୁ ୬ ୱିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ଖୋର୍ଦ୍ଧା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୮ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆର୍ଯ୍ୟ ଦେବାଶିଷ ଭଟ୍ଟା ୪୮ଟି ବଲ୍‌ରେ ୨ ଛକା ଏବଂ ୬ ଚୌକା ସହାୟତାରେ ସର୍ବାଧିକ ୫୯ ରନ ଓ ରାକେଶ ପଟ୍ଟନାୟକ ୩୧ଟି ବଲ୍‌ରେ ୫୦ ରନ୍ ସଂଗ୍ରହ କରିଥିଲେ ।



ଆଲଫା କ୍ଲବ ପକ୍ଷରୁ ଟୁକୁନା ସାହୁ ୩ଟି ଏବଂ ବି. ଶିବା ୨ଟି ୱିକେଟ ଅକ୍ତିଆର କରିଥିଲେ । ପ୍ରତ୍ୟୁତ୍ତର ଆଲଫା ବ୍ରହ୍ମପୁର, ଦଳ ୧୯ ଓଭରରେ ୪ଟି ୱିକେଟ ହରାଇ ଆବଶ୍ୟକ ରନ କରି ଏହି ମ୍ୟାଚ୍‌କୁ ୬ ୱିକେଟରେ ଜିତି ଦ୍ୱିତୀୟ ସେମି ଫାଇନାଲକୁ ପ୍ରବେଶ କରିଛନ୍ତି । ଦଳ ପକ୍ଷରୁ ବିଶ୍ୱ ୱାଲ ଟାଇର ଟପ୍ପୋ ସର୍ବାଧିକ ୭୪ ରନ୍ ଏବଂ ପ୍ରବୀଣ କୁମାର ଅପରାଜିତ ୩୯ ରନ୍ କରିଥିଲେ । ଅମ୍ରିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳର ୱାଲଟାର ଟପ୍ପୋଙ୍କୁ ୨ ହଜାର ଟଙ୍କାର ପୁରସ୍କାର ପ୍ରାଣନାଥ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ବେଉରା ଓ ରାଜୁ ମୋଦି ପ୍ରଦାନ କରିଥିଲେ । ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ । ଗୁରୁବାରର ମ୍ୟାଚ୍ ଆମ୍ପାୟାର ଭାବେ ରାକେଶ ମିଶ୍ର ଏବଂ ଏସ୍ କରୁଣାକର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡ଼ା ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ପୂର୍ବଦିନ ମୁଖ୍ୟ ଅତିଥି ଭାବେ ଅମ୍ରିତା ବିଦ୍ୟାଳୟଂର ପ୍ରିନସିପାଲ ମୌସମୀ ପଟ୍ଟନାୟକ ଯୋଗ ଦେଇଥିଲେ । ଆସୋସିଏସନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ସୌର୍ଯ୍ୟ ରଂଜନ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ଗୋଛି, ସୁଧାଂଶୁ ଦାସ୍ ଏବଂ ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ଶଶିକାନ୍ତ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜନରେ ସହାୟତା କରିଥିଲେ । ଶୁକ୍ରବାର ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରବିନାରାୟଣ ରାଉତରାୟ ଜଣାଇଥିବା ବେଳେ ଆସନ୍ତା ଶନିବାର ଦ୍ୱିତୀୟ ସେମି ଫାଇନାଲ ସୋଲାର କଟକ ବନାମ ଆଲଫା ବ୍ରହ୍ମପୁର ମଧ୍ୟରେ ହେବ ବୋଲି ସଭ୍ୟ ରବି ସ୍ୱାଇଁ ଜଣାଇଛନ୍ତି ।

# ଶ୍ରେୟସ ଆୟର ସମ୍ପୂର୍ଣ୍ଣ ଫିଟ୍ : ଖେଳିବେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ !



**ନୂଆଦିଲ୍ଲୀ**

ଷ୍ଟାର ବ୍ୟାଟର ଶ୍ରେୟାସ ଆୟରଙ୍କୁ ଜାତୀୟ କ୍ରିକେଟ୍ ଏକାଡେମୀ ଫିଟ୍‌ନେସ୍ ପ୍ରମାଣ ପତ୍ର ପ୍ରଦାନ କରିଛି । ଫଳରେ ଆସନ୍ତା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଆୟର ଖେଳିବା ନିଶ୍ଚିତ ହୋଇଛି । ଆୟର ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ ହିମାଚଳ ପ୍ରଦେଶ ବିପକ୍ଷରେ ଏକ ମ୍ୟାଚ୍ ଖେଳି ସମ୍ପୂର୍ଣ୍ଣ ଫିଟ୍ ହୋଇ ସାରିଥିବା ପ୍ରମାଣ କରିଥିଲେ । ସେ ମୁମ୍ବାଇ ଦଳର ନେତୃତ୍ୱ ନେଇଥିଲେ ଓ ବ୍ୟାଟିଂ କରି ୮୨ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଗତ ଅକ୍ଟୋବର ମାସରେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଆୟର ତୃତୀୟ ଦିନିକିଆରେ ଗୁରୁତର ଆହତ ହୋଇଥିଲେ । ସିଡ୍‌ନୀରେ ଅନୁଷ୍ଠିତ ଉକ୍ତ ମ୍ୟାଚ୍ରେ ସେ ଡାଇଭ ମାରି ଏକ କ୍ୟାଚ ଧରିବା ସମୟରେ ବାମ ପଞ୍ଜରାରେ ଆଘାତ ପାଇଥିଲେ । ଫିଟ୍ ହେବା ପାଇଁ ଆୟରଙ୍କୁ ୨ମାସରୁ ଅଧିକ ସମୟ ଲାଗିଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଫିଟ୍‌ନେସ୍ ପ୍ରସ୍ତୁତି ଆରମ୍ଭ କରିବା ପରେ ଜାତୀୟ କ୍ରିକେଟ୍ ଏକାଡେମୀ ଯାଇ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି କରିଥିଲେ । ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଆୟରଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଥିଲା । ମାତ୍ର ସେ ଫିଟ୍ ପ୍ରମାଣପତ୍ର ପରେ ସେ ଖେଳି ପାରିବେ ବୋଲି ଚୟନ କିମିଟି ଦର୍ଶାଇଥିଲା ।

# ପିଏମଶ୍ରୀ କଳିଙ୍ଗ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପିଏମଶ୍ରୀ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବକୁ ଚୌଦ୍ୱାର ଥାନା ପୁର୍ବତନ ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଆଲୁମିନି କମିଟି ସଭାପତି ଶୁଭେନ୍ଦୁ ସାମଲ, କାଉନସିଲର ବିଜୟ କୁମାର ସାହୁ, ସିଆରସିସି ରାଜେଶ କୁମାର ନାୟକ, ଆଲୁମିନି କମିଟି ସଂପାଦକ ଆଶୁତୋଷ ଦାସ, ଉପସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଇଓ ପ୍ରଭାତ କୁମାର ନାୟକ, ଇମ୍ଫାର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ପିଆରଓ ମାନସ କୁମାର ବସନ୍ତିଆ, ପ୍ରଶାସକ ସୁନୀଲ କୁମାର ଦାଶ ପ୍ରମୁଖ ଯୋଗଦେଇ କ୍ରୀଡ଼ାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିକ୍ଷୟତ୍ରୀ ହିମାଦ୍ରୀ ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ପ୍ରାକ୍ତନ ଶିକ୍ଷକ ଓ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ କଳ୍ପଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ଡବ୍ଲ୍ୟୁପିଏଲ୍‌ର ଉଦ୍‌ଘାଟନ ଉତ୍ସବ

# ଜ୍ୟାକ୍‌ଲିନ, ହନି ସିଂହ ହେବେ ମୁଖ୍ୟ ଆକର୍ଷଣ





**ନୂଆଦିଲ୍ଲୀ**

ମହିଳା ପ୍ରିମିୟର ଲିଗ ୨୦୨୬ ଏକ ଭବ୍ୟ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ । ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସିଜିନର ପ୍ରଥମ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ । ଉଭୟ ଦଳ ନଭି ମୁମ୍ବାଇର ଡିୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ମୁକାବିଲା କରିବେ । ଏହି ମ୍ୟାଚ ଆରମ୍ଭ ହେବା ପୂର୍ବରୁ, ଏକ ଭବ୍ୟ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ, ଯାହା ଏକ ଚମତ୍କାର କାର୍ଯ୍ୟକ୍ରମ ହେବ । ମହିଳା ପ୍ରିମିୟର ଲିଗ୍ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶନ କରୁଥିବା କଳାକାରମାନଙ୍କ ବିଷୟରେ ସୂଚନା ମଧ୍ୟ ଶେୟାର କରିଛି ।

ଡବ୍ଲୁପିଏଲର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଅନୁଯାୟୀ, ପ୍ରସିଦ୍ଧ ପଞ୍ଜାବୀ ଗାୟକ ଏବଂ ରାପର ୟୋ ୟୋ ହନି ସିଂହ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶନ କରିବେ । ଏହା ବ୍ୟତୀତ, ବଲିଉଡ୍ ବିୟୁଟି ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ଗ୍ଲାମରର ସ୍ପର୍ଶ ଯୋଡ଼ିବେ । ଉଦ୍‌ଘାଟନୀ ଉତ୍ସବ ୬ଟା ୪୫ରେ ଆରମ୍ଭ ହେବ । ଭାରତରେ ପ୍ରଥମ ଥର ପାଇଁ ଏକ କ୍ରୀଡ଼ା ଇଭେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ହନି ସିଂହ ପ୍ରଦର୍ଶନ କରିବେ ।

ଜାନୁଆରୀ ୯ରେ ଆରମ୍ଭ ହେଉଥିବା ଡବ୍ଲୁପିଏଲର ଫାଇନାଲ ୩ ଫେବୃଆରୀରେ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୦ଟି ଲିଗ ମ୍ୟାଚ ଖେଳାଯିବ, ଯେଉଁଥିରେ ଏଲିମିନେଟର ଫେବୃଆରୀ ୩ରେ ଅନୁଷ୍ଠିତ ହେବ । ଫାଇନାଲ ଫେବୃଆରୀ ୫ରେ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ପାଞ୍ଚଟି ଦଳ ଅଂଶଗ୍ରହଣ କରୁଛନ୍ତି । ଗତ ସିଜନରେ, ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଟାଇଟଲ ଜିତିଥିଲା ।

# ୪-୧ରେ ଆଶେସ ଜିତିଲା ଅଷ୍ଟ୍ରେଲିଆ



**ସିଡ୍‌ନୀ**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଗୁରୁବାର ୫ ଉଇକେଟରେ ଜିତି ନେଇଛି । ଏହି ବିଜୟ ସହ ଘରୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ ବ୍ୟବଧାନରେ ବିଜୟୀ ହୋଇଛି ।

ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୪ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ୫୬୭ ରନ୍ କରିଥିଲା । ୧୮୩ ରନ ପଛରେ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୪୨ ରନରେ ଅଲଆଉଟ୍ ହୋଇଥିଲା । ଫଳରେ ୧୬୦ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ଉଇକେଟରେ ହାସଲ କରି ନେଇଥିଲା । ଅଷ୍ଟ୍ରେଲିଆର ଓପନର ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି । ଏହି ମ୍ୟାଚ୍ ଜରିଆରେ ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି ।

# ଜାତୀୟ ଶୁଟିଂ କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ



**ନୂଆଦିଲ୍ଲୀ**

ଭାରତୀୟ ଶୁଟିଂ ଦଳର କୋଚିଂ ଷ୍ଟାଫ୍‌ର ପ୍ରମୁଖ ସଦସ୍ୟ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ଜଣେ ନାବାଳିକା ଶୁଟର ଗୁରୁବାର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ଏଥିଯୋଗୁ ଭରଦ୍ୱାଜଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ପକ୍ଷରୁ ନିଲମ୍ବିତ କରାଯାଇଛି । ତାଙ୍କ ବିରୋଧରେ ଫରିଦାବାଦରେ ପୋକ୍‌ସୋ ଆଇନର ଧାରା ୬ ଓ ଭାରତୀୟ ନ୍ୟାୟ ସଂହିତାର ୩୫୧(୨) ଦଫାରେ ମାମଲା ରୁଜୁ କରାଯାଇଛି । ଭରଦ୍ୱାଜଙ୍କୁ ନିଲମ୍ବିତ କରାଯାଇଛି ଏବଂ ଆମେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବୁ । ତାଙ୍କୁ ନୈତିକତା ଆଧାରରେ ନିଲମ୍ବିତ କରାଯାଇଛି । ବର୍ତ୍ତମାନ ତାଙ୍କୁ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ପଡ଼ିବ । ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ସେ କୌଣସି କୋଚିଂ କାର୍ଯ୍ୟକଳାପରେ ସାମିଲ ହେବେ ନାହିଁ ବୋଲି ଏନ୍‌ଆରଏଆଇ ସମ୍ପାଦକ ରାଜିବ ଭାଟିଆ କହିଛନ୍ତି ।

# ରୋହିତଙ୍କ ପତ୍ନୀ ରିତିକା କିଣିଲେ ନୂଆ ଘର

**ମୁମ୍ବାଇ**



ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ଖେଳାଳି ରୋହିତ ଶର୍ମା । ହିଟ୍‌ମ୍ୟାନ ନିଜର ବଡ଼ ବଡ଼ ସଟ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ହିଟ୍‌ମ୍ୟାନ ନିଜର ଖେଳ ଏବଂ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ଟି-୨୦ ଏବଂ ଟେଷ୍ଟ କ୍ରିକେଟକୁ ବାଏ ବାଏ କହିଥିବା ଏହି ମହାନ କ୍ରିକେଟର ଏବେ କେବଳ ଦିନିକିଆରେ ଖେଳ ଜାରି ରଖିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଫ୍ୟାନ୍ସଙ୍କ ପାଇଁ ଏକ ଖୁସି ଖବର । ହିଟମ୍ୟାନଙ୍କ ପତ୍ନୀ ରିତିକା ମୁମ୍ବାଇରେ ଏକ ନୂଆ ଘର କିଣିଛନ୍ତି । କୋଟି କୋଟି ଟଙ୍କା ବିନିମୟରେ ରିତିକା ମୁମ୍ବାଇରେ ଏକ ଆପାର୍ଟମେଣ୍ଟ କିଣିଛନ୍ତି । ମୁମ୍ବାଇର ଆହୁଜା ଟାୱାର୍ସରେ ନିଜର ନୂଆ ଆପାର୍ଟମେଣ୍ଟ କିଣିଛନ୍ତି । ଯାହାର ମୂଲ୍ୟ ରହିଛି ୨୬ କୋଟି ୩୦ ଲକ୍ଷ ଟଙ୍କା । ଡିସେମ୍ବର ୧୨ ତାରିଖରେ ସେ ଏଥିପାଇଁ ପଞ୍ଜିକୃତ କରିଛନ୍ତି । ଏହି ଘରଟି ୨୭୬୦,୪୦ ବର୍ଗଫୁଟ ରହିଛି । ଯେଉଁଥିରେ ତିନୋଟି କାର୍ ପାର୍କିଂ ପାଇଁ ମଧ୍ୟ ସୁବିଧା ରହିଛି । ତେବେ ସେ ଏହି ଆପାର୍ଟମେଣ୍ଟଟି ଆଜିଙ୍କ୍ୟା ଡିୱାଇ ପାଟିଲ ଏବଂ ପୂଜାଙ୍କଠାରୁ କିରିଛନ୍ତି । ସେ କିଣିଥିବା ସ୍ଥାନରୁ ଯୋଗାଯୋଗର ସୁବିଧା ଭଲ ରହିଛି । ତେବେ ଆଇପିଏଲରେ ରୋହିତଙ୍କ ଦରମାଠାରୁ ରୋହିତଙ୍କ ନୂଆ ଘରର ଦାମ ଅଧିକ ରହିଛି । ତେବେ ପୂର୍ବରୁ ମଧ୍ୟ ଘର କିଣିବାରେ ଟଙ୍କା ବ୍ୟୟ କରିଛନ୍ତି ରୋହିତ ।

# ଭଡ଼ାଘରୁ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର କଲା ପୋଲିସ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ୟାସନଗର ପୌରପରିଷଦ ୧୦ ନମ୍ବର ୱାର୍ଡ କନ୍ହେଇପୁର ହେନା ଆପଏଣ୍ଟମେଣ୍ଟ ନିକଟସ୍ଥ ହୁଡ଼ି ସାହିର ଏକ ରୋଷେଇ ଘରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି କୋରେଇ ପୋଲିସ । ସୂଚନା ମୁତାବକ ଚାନ୍ଦମା ହୁଡ଼ିସାହି ସ୍ଥିତ ଏକ ଭଡ଼ା ଘରେ ୩ ଜଣ ଯୁବକ ସାଙ୍ଗ ହୋଇ ରହୁଥିଲେ । ଉଭୟ ତିନି ଜଣ ଦିଲ୍ଲୀପ ଦାଶ, ଉତ୍ତମ ଶେଖର ଓ ତାରିଣୀ ନାମକ ଯୁବକ କଳିଙ୍ଗନଗର କାରଖାନାରେ କାର୍ଯ୍ୟରତ ଥିଲେ । ତେବେ ଗତ କାଲି ରାତିରେ ଉଭୟ ଖାଇ ପିଇ ଶୋଇଥିଲେ ଗୁରୁବାର ସକାଳ ୫ଟାରେ ଦିଲ୍ଲୀପ ଓ ତାଙ୍କ ସାଙ୍ଗ ତାରିଣୀ କିଛି କଥା ହେବାପରେ ତାରିଣୀ ପ୍ଲାଣ୍ଟକୁ ଚାଲି ଯାଇଥିଲେ । ସେଠାରୁ ତାରିଣୀ ତାଙ୍କ ରୁମମେଟ୍



ଉତ୍ତମକୁ ଫୋନ କରି କହିଥିଲେ ଦିଲ୍ଲୀପ ଫୋନ ଉଠାଉନି ଟିକେ ଦେଖିବାକୁ । କିନ୍ତୁ ଉତ୍ତମ ଉଠି କବାଟ ଖୋଲିବାକୁ ଚେଷ୍ଟା କରିଥିଲେ । ହେଲେ କବାଟ ବାହାର ପଟୁ ଦିଆ ଯାଇଥିବାରୁ ଖୋଲିନଥିଲା । ତେବେ ଝରକା ଖୋଲି ପଡ଼ୋଶୀଙ୍କୁ ଡାକି କବାଟ ଖୋଲିଥିଲେ । ପରେ ଉତ୍ତମ ରୋଷେଇ ଘର କବାଟ ଖୋଲି ଦିଲ୍ଲୀପ ନିଜ ବେକରେ ଏକ ଗାମୁଛା ବାନ୍ଧି ହୁକରେ ଝୁଲୁଥିବା ଦେଖିଥିଲେ । ତେବେ ପଡ଼ୋଶୀଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ କୋରେଇ ପୋଲିସକୁ ସୂଚନା ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଚଳାଇଛି । ପୋଲିସ ମୃତ ଦିଲ୍ଲୀପଙ୍କ ଘର ଲୋକଙ୍କୁ ଜଣାଇବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ତେବେ ମୃତକ ଦିଲୀପଙ୍କ ଘର କଟକ ଜିଲ୍ଲା ବାଙ୍କୀ ସ୍ଥିତ ବନ୍ଦାଳ ହୋଇଥିବା ବେଳେ ସାଥି ତାରିଣୀଙ୍କ ଘର ଢେଙ୍କାନାଳ ଓ ଉତ୍ତମ ଶେଖରଙ୍କ ଘର ରାଉରକେଲା ବୋଲି ଜଣାପଡ଼ିଛି । ସେପଟେ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ ବୋଲି କୋରେଇ ପୋଲିସ ସୂଚନା ଦେଇଛି ।

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER, NUAPADA IRRIGATION DIVISION, NUAPADA
e-Procuremcnt Notice No-(NID)03/2025-26, e-mail address: ee.npd.irr@gmall.com
Ref No: 30 / Date: 06.01.2026
A-1254

1st Corrigendum toe-Procurement Notice No-(NID)03/2025-26

Tender for 5 no.s of works invited vide this office e-Procurement Notice No- (NID)03/2025-26 is hereby cancelled due to some unavoidable reason.

Sd/- Superintending Engineer,
Nuapada Irrigation Division, Nuapada

E-mail: eeroads.khr@rediffmail.com
OFFICE OF THE SUPERINTENDING ENGINEER
KHARIAR(R&B)DIVISION, KHARIAR, DIST.NUAPADA, ODISHA.
B-950
Letter No. 133 Date 07.01.2026

1st Corrigendum to
BidIdentificationNo.SER&BKHR-18/2025-26

The following changes are being made for E-Procurement Notice- 18, Bid Identification No. SER&BKHR- 18 / 2025-26 vide letter no.6670 dated 19.12.2025 bearing Tender ID No. 2025_EICCL_124005_l, 2025_EICCL_124005_2 & 2025 EICCL 124005 3 respectively in the above Tender Call Notice.

1. The Date of time of availability of bid documents in the portal for the works from sl.no.l to 3 from 10.00 hours of 30.12.2025 to 17.00 Hours of 08.01.2026 has extended from 10.00 hours of 09.01.2026 to 17.00 Hours of 22.01.2026.
2. The date & time of opening of bid documents in the portal from 11.00 hours on 09.01.2026 has extended to 11.00 AM on date 27.01.2026 respectively.
3. All other terms and conditions remain unchanged.

Sd/- Superintending Engineer
Khariar (R&B) Division





# ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଜାନୁଆରୀ ୭ ଓ ୮ ତାରିଖରେ ଅନୁଷ୍ଠିତ ପରିବହନ ବିକାଶ ପରିଷଦ ବୈଠକରେ ଓଡ଼ିଶା ସରକାର ନିଜର ସଶକ୍ତ ଓ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଥିଲେ। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି। ସଡ଼କ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ଯୋଗାଇବାକୁ ଥିବା 'ପିଏମ୍-ରାହାତ' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଶତ ପ୍ରତିଶତ ପ୍ରସ୍ତୁତ ଥିବା ବୈଠକରେ ଜଣାଇଛି। ପୁଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର୍ ଏବଂ ସିସିଟିଏନ୍‌ଏସ୍ ର ଦ୍ୱିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ଏମ୍‌ଓଆରଟିଏଚ୍‌ର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓଡ଼ିଶାର ପ୍ରମୁଖ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଯଥା- ସୁବାହକ, ଆମ ସୁବାହକ, ସୁବାହକ ସୁବିଧା, ରକ୍ଷକ ଏବଂ ଜୁନିୟର ରକ୍ଷକକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ସଫଳ ଗୋଷ୍ଠୀଭିତ୍ତିକ ପଦକ୍ଷେପଗୁଡ଼ିକରୁ ଅନୁପ୍ରାଣିତ ହୋଇ ଜାତୀୟ ସ୍ତରରେ 'ସଡ଼କ ସୁରକ୍ଷା ମିତ୍ର' କାର୍ଯ୍ୟକ୍ରମ ପ୍ରସ୍ତାବ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଯୋଜନାରେ ଓଡ଼ିଶା ଦୁଇଟି ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପାଇଁ ଯୋଗ୍ୟ ହୋଇଥିଲେ ସୁଦ୍ଧା, ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଚାରୋଟି ଆଇଡିଟିଆର୍ ପ୍ରତିଷ୍ଠା କରିସାରିଛନ୍ତି। ଏମ୍‌ଓଆରଟିଏଚ୍ ଏହି କେନ୍ଦ୍ରଗୁଡ଼ିକୁ ଦେଶର ଅନ୍ୟତମ ଶ୍ରେଷ୍ଠ କେନ୍ଦ୍ର ଭାବେ ବର୍ଣ୍ଣନା କରିବା ସହ ଆଗାମୀ ଦିନରେ ଅଧିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଚାର କରାଯିବ ବୋଲି ସଙ୍କେତ ଦେଇଛନ୍ତି। ଓଡ଼ିଶାର ବୈଷୟିକ ଦକ୍ଷତା ଏବଂ ସଂସ୍କାରଭିତ୍ତିକ ଶାସନ ପ୍ରଣାଳୀକୁ ସ୍ୱୀକୃତି ଦେଇ ଏମ୍‌ଓଆରଟିଏଚ୍ ପକ୍ଷରୁ ଗଠିତ ଏକ ଉଚ୍ଚସ୍ତରୀୟ ସଚିବ କମିଟିରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି କମିଟି ସମଗ୍ର ଦେଶ ପାଇଁ ପରିବହନ ନିୟମ ଓ ସଂଶୋଧନ ପ୍ରସ୍ତୁତ କରିବ। ଏଥିରେ ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ, ଭେହିକିଲ ଲୋକେସନ ଟ୍ରାକିଂ ଡିଭାଇସ, ପିୟୁସିସି, ପରମିଟ୍ ସଂସ୍କାର, ଲାଇସେନ୍ସ ଡି-ଡୁପ୍ଲିକେସନ ଏବଂ ମୋଟର ଯାନ ଆଇନ ଓ ସିଏମ୍‌ଭିଆର୍ ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସାମିଲ ରହିଛି। ଭିଏଲ୍‌ଟିଡି ଏବଂ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ପ୍ଲେଟ୍‌ର କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପ୍ରବର୍ତ୍ତନ ଓ ସଚେତନତାକୁ ଅଧିକ କଡ଼ାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାର ଫେସଲେସ୍ ପରିବହନ ସେବା କ୍ଷେତ୍ରରେ ଅଗ୍ରଗତିକୁ ମଧ୍ୟ ପ୍ରଶଂସା କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩୮ଟି ମଧ୍ୟରୁ ୩୪ଟି ଆଧାର-ସଂଯୁକ୍ତ ସେବା କାର୍ଯ୍ୟକାରୀ ହୋଇସାରିଛି। ସେହିପରି ସ୍ୱେଚ୍ଛାକୃତ ଯାନବାହନ ଆଧୁନିକୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ଅନୁପାଳନକୁ ପ୍ରଶଂସା କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ ମନିଟରିଂ ପାଇଁ 'ଇଣ୍ଟିଗ୍ରେଟେଡ୍ ରୋଡ୍ ସେଫ୍ଟି ଡ୍ୟାସବୋର୍ଡ' ଏବଂ ଆଇଆଇଟି ଭୁବନେଶ୍ୱର ସହଯୋଗରେ ବିକଶିତ 'ଘାଟି ରୋଡ୍ ୱାର୍ଣ୍ଣିଂ ସିଷ୍ଟମ୍' ପ୍ରଦର୍ଶିତ କରାଯାଇଥିଲା। ସଡ଼କ ସୁରକ୍ଷା, ପରିବହନର ଡିଜିଟାଇଜେସନ ଏବଂ ସୁଶାସନ କ୍ଷେତ୍ରରେ ଓଡ଼ିଶା ଯେ ଏକ ଅଗ୍ରଣୀ ରାଜ୍ୟ, ତାହା ପରିବହନ ବିକାଶ ପରିଷଦ ବୈଠକରେ ପୁନଃ ପ୍ରତିପାଦିତ ହୋଇଛି।

# ଜିନ୍ଦଲ ଷ୍ଟିଲ୍‌ରେ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍‌ର ଉଦଘାଟନ କଲେ ନବୀନ ଜିନ୍ଦଲ



**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

କୌଶଳ ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ମାନବଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମାନ୍ୟବର ସାଂସଦ (କୁରୁକ୍ଷେତ୍ର) ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ନବୀନ ଜିନ୍ଦଲ ଆଜି ଅନୁଗୁଳର ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟରରେ ଅତ୍ୟାଧୁନିକ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍‌ର ଉଦଘାଟନ କରିଛନ୍ତି। ଏହି ପଦକ୍ଷେପ, କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ ଏବଂ ପ୍ରାୟୋଗିକ କ୍ଷମତା ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିବ, ଯାହା କଂପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ସେହିପରି ତାଲିମକୁ କିଭଳି ବାସ୍ତବିକ୍ ବିଶ୍ୱ-ଶିକ୍ଷ ପ୍ରୟୋଗ ସହିତ ସମନ୍ୱିତ କରାଯାଇପାରିବ, ତାହା ଏହି ପ୍ରୟାସର ଉଦ୍ଦେଶ୍ୟ।
ଉଦଘାଟନୀ କାର୍ଯ୍ୟକ୍ରମରେ ନବୀନ ଜିନ୍ଦଲ ସମସ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଉତ୍ସର୍ଗ ଏବଂ ଉତ୍ସାହ ସହିତ ତାଲିମ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରି, ସେ କହିଥିଲେ ଯେ କୁଶଳୀ କାର୍ଯ୍ୟ କେବଳ ଦକ୍ଷତା ବୃଦ୍ଧି କରେ ନାହିଁ ବରଂ କାର୍ଯ୍ୟକୁ ସରଳ, ନିରାପଦ ଏବଂ ଅଧିକ ପ୍ରଭାବଶାଳୀ କରିଥାଏ। ସେ ନେତୃତ୍ୱ ଭୂମିକାରେ ଥିବା ଅଧିକାରୀମାନଙ୍କୁ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ଟିମର ସଦସ୍ୟମାନଙ୍କୁ ପ୍ରେରଣା ଦେବାରେ ସକ୍ରିୟ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏକ ସୋସିଆଲ ମିଡିଆ ପୋଷ୍ଟରେ ମଧ୍ୟ ସେ ଲେଖିଛନ୍ତି, 'ଯେତେବେଳେ ଆମେ ଲୋକଙ୍କ ଉପରେ ନିବେଶ କରୁ, ଆମେ ସ୍ଥାୟୀ ପ୍ରଗତିରେ ନିବେଶ କରୁ। ସଶକ୍ତ ଦକ୍ଷତା-ଆତ୍ମବିଶ୍ୱାସୀ ବୃତ୍ତିଧାରୀ, ଶକ୍ତିଶାଳୀ ଶିକ୍ଷ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରେ।' କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ମାଲହୋତ୍ରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନ-ଚାର୍ଜ, ଅନୁଗୁଳ, ପଙ୍କଜ ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସମସ୍ତ ବିଭାଗ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ସନ୍ଧ୍ୟାରେ, ଅଧ୍ୟକ୍ଷ ଶ୍ରମିକ ବିହାର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ 'ସଂକଳ୍ପ' ନାମକ ଏକ ଖୋଲା ଜିମ୍ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ କଲ୍ୟାଣ ଏବଂ ମଙ୍ଗଳ ପାଇଁ ବିକଶିତ ମାର୍କେଟ କମ୍ପ୍ଲେକ୍ସ 'ସମୃଦ୍ଧି'ର ଉଦ୍ଘାଟନ କରିଥିଲେ। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷେତ୍ର ବାହାରେ ସମ୍ପ୍ରଦାୟ ବିକାଶ ଏବଂ କର୍ମଚାରୀ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଗୋଟିଏ ଲେଖାଏଁ ଉଦାହରଣ। ଏହି କାର୍ଯ୍ୟକ୍ରମଗୁଡ଼ିକ ଦକ୍ଷତା ବିକାଶ, ନବସୃଜନ, କର୍ମଚାରୀ ଏବଂ ସମ୍ପ୍ରଦାୟ କଲ୍ୟାଣ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ସେହିପରି ଏକ ସୁରକ୍ଷିତ, ଦକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବଶକ୍ତି ନିର୍ମାଣ କରିବା ପାଇଁ ହେଉଥିବା ଉଦ୍ୟମକୁ ପ୍ରତିଫଳିତ କରୁଛି।

## ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ

# ରେଲୱାନ୍ ଆପ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକିଂ ଉପରେ ୩% ରିହାତି

**ଭୁବନେଶ୍ୱର:**




ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଟ୍ରେନ ଯାତ୍ରାର ସହଜତା ବୃଦ୍ଧି କରିବା ଲକ୍ଷ୍ୟରେ ଏକ ଯାତ୍ରୀ-କୈନ୍ଦ୍ରିକ ପଦକ୍ଷେପରେ ଭାରତୀୟ ରେଳ ରେଲୱାନ୍ ଆପ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକିଂ ଉପରେ ୩% ରିହାତି ଘୋଷଣା କରିଛି। ବର୍ତ୍ତମାନ, ରେଲୱାନ୍ ଆପ୍ ରେ ଆର୍-ୱାଲେଟ୍ ବିକଳ୍ପ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକିଂ କରୁଥିବା ଯାତ୍ରୀମାନଙ୍କୁ କ୍ୟାସବ୍ୟାକ୍ ଭାବରେ ୩% ବୋନସ୍ ପ୍ରଦାନ କରାଯାଉଛି। ଡିଜିଟାଲ ଟିକେଟିଂକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ, ବର୍ତ୍ତମାନ ରେଲୱାନ୍ ଆପ୍ ରେ ୟୁପିଆଇ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ଏବଂ ନେଟ୍ ବ୍ୟାଙ୍କିଂ ଭଳି ଅନ୍ୟ ସମସ୍ତ ଡିଜିଟାଲ ପେମେଣ୍ଟ ମୋଡ୍ ମାଧ୍ୟମରେ କରାଯାଇଥିବା ଅଣସଂରକ୍ଷିତ ଟିକେଟ୍ ବୁକିଂ ଉପରେ ୩% ରିହାତି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ୩% ରିହାତି କେବଳ ରେଲୱାନ୍ ଆପ୍‌ରେ ଆର୍-ୱାଲେଟ୍‌କୁ ବାଦ ଦେଇ ଡିଜିଟାଲ ପେମେଣ୍ଟ ମୋଡ୍ ମାଧ୍ୟମରେ କରାଯାଇଥିବା ଅଣସଂରକ୍ଷିତ ଟିକେଟ୍ ବୁକିଂ ପାଇଁ ପ୍ରଯୁଜ୍ୟ ହେବ। ଯେଉଁ କ୍ଷେତ୍ରରେ ଆର୍-ୱାଲେଟ୍ ବ୍ୟବହାର କରି ଅଣସଂରକ୍ଷିତ ଟିକେଟ୍ ବୁକ୍ କରାଯାଏ, ସେଠାରେ କ୍ୟାସବ୍ୟାକ୍ ଭାବରେ ୩% ବୋନସ୍‌ର ବିଦ୍ୟମାନ ବ୍ୟବସ୍ଥା ଅପରିବର୍ତ୍ତିତ ରହିବ। ୩% ରିହାତି ଯୋଜନା ୧୪ ଜାନୁଆରୀ ୨୦୨୬ରୁ ୧୪ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଛଅ ମାସ ପାଇଁ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ, ସିଆର୍‌ଆଇଏସ୍ କାର୍ଯ୍ୟାନ୍ୱୟନ ଉପରେ ନଜର ରଖିବ ଏବଂ ଯୋଜନାର ଅଧିକ ମୂଲ୍ୟାଙ୍କନ ଏବଂ ଜାରି ରଖିବା ପାଇଁ ୨୦୨୬ ମଇ ମାସରେ ମତାମତ ପ୍ରଦାନ କରିବ। ଏହି ପଦକ୍ଷେପ ଯାତ୍ରୀଙ୍କ ସୁବିଧାକୁ ବୃଦ୍ଧି କରିବ, ଟିକେଟ କାଉଣ୍ଟରରେ ଧାଡ଼ି ହ୍ରାସ କରିବ ଏବଂ ନଗଦହୀନ କାରବାରକୁ ପ୍ରୋତ୍ସାହିତ କରିବ ଯାହା ଭାରତୀୟ ରେଳବାଇର ଡିଜିଟାଲ ପରିବର୍ତ୍ତନ ଏବଂ ଉନ୍ନତ ଗ୍ରାହକ ଅଭିଜ୍ଞତା ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ ବୋଲି ଆଶା କରାଯାଉଛି। ଯାତ୍ରୀ ଏବଂ ଦୈନନ୍ଦିନ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ ସମସ୍ତ ବାଣିଜ୍ୟିକ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଯୋଗାଯୋଗର ବିଭିନ୍ନ ମାଧ୍ୟମ ଦ୍ୱାରା ସକ୍ରିୟ ଭାବରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁଥିରେ ରେଳ ଷ୍ଟେସନଗୁଡ଼ିକରେ ବାରମ୍ବାର ସାର୍ବଜନୀନ ଘୋଷଣା ମଧ୍ୟ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ରେଲୱେନ୍ ଆପ୍ ରିହାତି ଲାଭ ସମ୍ପର୍କରେ ଯାତ୍ରୀ ଏବଂ ଯାତ୍ରୀମାନଙ୍କ ମଧ୍ୟରେ ବ୍ୟାପକ ଦୃଶ୍ୟମାନତା ଏବଂ ପ୍ରଭାବଶାଳୀ ସଚେତନତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ରେଳ ଷ୍ଟେସନରେ ପ୍ରମୁଖ ସ୍ଥାନରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶିତ କରାଯାଇଅଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କମିଶନରେଟ୍ ପୋଲିସ୍...

ମୁଖ୍ୟ ଶାସନ ସଚିବ, ପୋଲିସ୍ ଡିଜିପି, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଖୋଜି ବାହାର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏଥିରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୋମା ଧମକକୁ ନେଇ କଟକ ହାଇକୋର୍ଟ ପରିସରରେ କିଛି ସମୟ ପାଇଁ ଭୟର ବାତାବରଣ ଖେଳି ଯାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ହାଇକୋର୍ଟ ପରିସର ମଧ୍ୟରୁ ସମସ୍ତଙ୍କୁ ବାହାର କରି ଦିଆଯାଇଥିଲା। ପରେ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଟିମ୍ ଯାଞ୍ଚ କରିଥିଲା। ତେବେ ହାଇକୋର୍ଟରେ ପୋଲିସର ଯାଞ୍ଚ ପରେ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକ ହୋଇଥିଲା କୋର୍ଟ କାର୍ଯ୍ୟ।

## ନୂଆ ୪ଲକ୍ଷ...

ମାନଙ୍କୁ ଶାଢୀ, ଚୁଡ଼ି, ପାଉଁଜି, ବିନ୍ଦି ଭଳି ବ୍ୟବହାର ସାମଗ୍ରୀ ମିଳିବ। ଏହି ସବୁ ସାମଗ୍ରୀର ଉତ୍କଳିକା ମାଧ୍ୟମରେ ହିତାଧିକାରୀଙ୍କୁ ଯୋଗାଇବେ ସରକାର। ଏହା ଦ୍ୱାରା ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି କୁହାଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ମୋଟ ୫୧ ହଜାର ଟଙ୍କା ସହାୟତା ରାଶି ଦେବେ ସରକାର। ବାହାଘର ପଞ୍ଜିକରଣ ହେବାର ୭ ଦିନ ପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ୩୫ ହଜାର ଟଙ୍କା। ଉପହାର ପାଇଁ ୧୦ ହଜାର ଓ ସାଜ ସଜା ପାଇଁ ୬ ହଜାର ଟଙ୍କା ଦେବେ ସରକାର। ପୂର୍ବରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ଗାଇଡଲାଇନ ଆସିଥିବା ବେଳେ ଗୁରୁବାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

ନୂଆବର୍ଷ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ, ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ପାଇବେ ନୂଆ ସୁଭଦ୍ରା ହିତାଧିକାରୀ। ଆମେ ପୋର୍ଟାଲ ଖୋଲିଛୁ। ୨୧ ବର୍ଷ ଯାହାକୁ ହେଲା ସେମାନେ ଆପେ ଆପେ ଯୋଡ଼ି ହେଉଛନ୍ତି। ସମସ୍ତେ ସୁଭଦ୍ରା ଟଙ୍କା ପାଇବେ ସେଥିପାଇଁ ଆମ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ଯୋଡ଼ି ହେଲେଣି ୧୭ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା। ବର୍ତ୍ତମାନ ୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥି ମଧ୍ୟରୁ ୯୭ ଲକ୍ଷ ୫୧ ହଜାର ୪୭୯ ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି।

## ଷ୍ଟାର୍ଟଅପ୍ ଏବଂ...

ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସମେତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଆୟୋଜିତ କେଳୁଚରଣ କୀର୍ତ୍ତି ଶତକମ୍ ନାମରେ ଆୟୋଜିତ ତିନିଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି,' କେଳୁଚରଣ ମହାପାତ୍ରଙ୍କୁ ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ। ଗୁରୁ କେଳୁଚରଣ ମହାପାତ୍ର କେବଳ ଜଣେ ମହାନ ନୃତ୍ୟଶିଳ୍ପୀ ନୁହେଁ, ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡ଼ିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା, ସମସ୍ତଙ୍କ ସମନ୍ୱୟରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟକୁ ଏକ ଅଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।
ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ସଚିବ ଡ଼ ବିଜୟ କେତନ ଉପାଧ୍ୟାୟ, ଲଳିତକଳା ଏକାଡେମୀର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରଶେଖର ହୋତା, ବିଭାଗୀୟ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଏବଂ ବରିଷ୍ଠ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ, କଳାକାର ମାନେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର...

ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତୀୟ କୃତ୍ରିମ ବୁଦ୍ଧିମତା (ଏଆଇ) ମଡେଲଗୁଡ଼ିକୁ ସ୍ଥାନୀୟ ଏବଂ ସ୍ୱଦେଶୀ ବିଷୟବସ୍ତୁ ମାଧ୍ୟମରେ ଏବଂ ଆଞ୍ଚଳିକ ଭାଷାରେ ପ୍ରୋତ୍ସାହିତ କରାଯିବା ଉଚିତ।

ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ତାଙ୍କ ସରକାରୀ ବାସଭବନ, ୭, ଲୋକ କଲ୍ୟାଣ ମାର୍ଗରେ ୧୨ଟି ଭାରତୀୟ କୃତ୍ରିମ ବୁଦ୍ଧିମତା ଷ୍ଟାର୍ଟଅପ୍ ସହିତ ଏକ ଗୋଲଟେବୁଲ ବୈଠକର ଅଧ୍ୟକ୍ଷତା କରି ଏହି ମନ୍ତବ୍ୟ ଦେଇଛନ୍ତି। ଆଗାମୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ଫର ଅଲ୍ ଗ୍ଲୋବାଲ୍ ଇମ୍ପାକ୍ଟ ଚ୍ୟାଲେଞ୍ଜ' ପାଇଁ ଏହି ଷ୍ଟାର୍ଟଅପ୍ ଗୁଡ଼ିକୁ ମନୋନୀତ କରାଯାଇଛି।

ବୈଠକ ସମୟରେ, ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଭାରତରେ ନବସୃଜନ ଏବଂ ବଡ଼ ଧରଣର ପ୍ରଯୁକ୍ତିବିଦ୍ୟା କାର୍ଯ୍ୟାନ୍ୱୟନ ପାଇଁ ଅପାର ସମ୍ଭାବନା ରହିଛି। ସେ କହିଛନ୍ତି ଯେ ଭାରତ ବିଶ୍ୱ ସମ୍ମୁଖରେ ଏକ ଅନନ୍ୟ ଏଆଇ ମଡେଲ ଉପସ୍ଥାପନ କରିବା ଉଚିତ ଯାହା 'ମେଡ୍ ଇନ୍ ଇଣ୍ଡିଆ, ମେଡ୍ ଫର୍ ଦି ୱାର୍ଲ୍ଡ' ଭାବନାକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସମାଜରେ ଗଭୀର ପରିବର୍ତ୍ତନ ଆଣିବାର ସମ୍ଭାବନା ଏଆଇର ଅଛି। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ଏଆଇର ପ୍ରଭାବଶାଳୀ ବ୍ୟବହାର ମାଧ୍ୟମରେ ପରିବର୍ତ୍ତନ ଆଣିବା ପାଇଁ ନିରନ୍ତର ପ୍ରୟାସ କରୁଛି।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଭାରତୀୟ ଏଆଇ ମଡେଲଗୁଡ଼ିକ ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ତଥ୍ୟ ଗୋପନୀୟତାର ନୀତି ଉପରେ ଆଧାରିତ ହେବା ଉଚିତ। ସେ ପରାମର୍ଶ ଦେଇଥିଲେ ଯେ ଭାରତୀୟ ଏଆଇ ମଡେଲଗୁଡ଼ିକ ସ୍ଥାନୀୟ ଏବଂ ସ୍ୱଦେଶୀ ବିଷୟବସ୍ତୁ ଏବଂ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରିବା ଉଚିତ। ସେ ଷ୍ଟାର୍ଟ-ଅପଗୁଡ଼ିକୁ ବିଶ୍ୱ ନେତୃତ୍ୱ ଦିଗରେ କାମ କରିବାକୁ ଏବଂ ସୁଲଭ, ଅନ୍ତର୍ଭୁକ୍ତ ଏବଂ ମିତବ୍ୟୟୀ ନବସୃଜନକୁ ଆଗକୁ ବଢ଼ାଇବାକୁ ଆହ୍ୱାନ କରିଥିଲେ।

## ପାରାଦୀପ ଓ ଭଦ୍ରକରେ ...

ଅନୁମତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ପ୍ରକଳ୍ପ ଓଡିଶା ଅର୍ଥନୀତିକୁ ନୂଆ ଗତି ଦେବେ। ରାଜ୍ୟ ପାଇଁ ବଡ ନିବେଶ ଆଣିବା ସହ ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ତେଣୁ ଉଭୟ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରେ ଆଇଓସିଏଲ୍, ଇଡକୋ, ଇପିକଲ, ଗ୍ରୀଡକୋ, ଓପିଟିସିଏଲ୍, ଡିସିଆଇ, ଶିଳ୍ପ, ରାଜସ୍ୱ, ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିଲେ।

## ୨ ସପ୍ତାହ ଯାଏ...

କିରେଇ ୯.୮, ବୌଦ୍ଧ ୯.୮, ଭବାନୀପାଟଣା ୯, ଅନୁଗୋଳ ୯.୬, ନବରଙ୍ଗପୁର ୧୦, କେନ୍ଦୁଝର ୧୦.୬, ବଲାଙ୍ଗୀର ୧୦.୮, ରାୟଗଡା ୧୧, ସୋନପୁର ୧୧, ଢେଙ୍କାନାଳ ୧୧.୩, ସୁନ୍ଦରଗଡ ୧୦.୬, ସମ୍ବଲପୁର ୧୧.୮ ଓ ନୂଆପଡ଼ାରେ ୧୨ ଡିଗ୍ରୀ ଥିଲା। ଉପକୂଳ ଓ ଭୁବନେଶ୍ୱର ୧୩.୨ ଓ କଟକ ୧୩, ଜଗତସିଂହପୁର ୧୨.୬, କେନ୍ଦ୍ରାପଡ଼ା ୧୨.୬ ଡିଗ୍ରୀ ରହିଥିବା ସୂଚନା ମିଳିଛି।

## ଧର୍ମଘଟରୁ ...

ବର୍ତ୍ତମାନ୍ ପାଇଁ ଆନ୍ଦୋଳନ ସ୍ଥଗିତ ରଖାଗଲା। ଶୁକ୍ରବାରଠାରୁ ସବୁ କିଛି ସ୍ୱାଭାବିକ ହେବ।

ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଡାକ୍ତର ସଂଘ ସହ ସକାରାତ୍ମକ ଆଲୋଚନା ହୋଇଛି। ଆନ୍ଦୋଳନ ସ୍ଥଗିତ ରଖିବାକୁ ସଂଘ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଦାବି ପୂରଣ ନେଇ କମିଟି ଗଠନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ରେ ସ୍ୱାସ୍ଥ୍ୟ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗ ସଚିବ ରହିଛନ୍ତି। ସେମାନଙ୍କ ଦାବିକୁ ବିଚାର କରି ପଦକ୍ଷେପ ନିଆଯିବ।

## ମଧ୍ୟପ୍ରାଚ୍ୟରେ ...

ଜେନେରାଲ ତୁର୍କି ମଧ୍ୟ ଅଲ-ଜୁବେଦିଙ୍କୁ ଖସିଯିବାରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ନାମ କହିଥିଲେ। ସେହି ବ୍ୟକ୍ତିଙ୍କୁ ୟୁଏଇର ଜଣେ ମେଜର ଜେନେରାଲ ଭାବରେ ଚିହ୍ନଟ କରାଯାଇଥିଲା। ସାଉଦି ଆରବ ସେନା ନିଜର ବିବୃତିରେ ଏହା ମଧ୍ୟ ଉଲ୍ଲେଖ କରିଛି ଯେ, ଏହି ଅପରେସନରେ ଇଲିୟୁସିନ୍ ଇଲ୍-୭୬ ବିମାନ ବ୍ୟବହାର କରାଯାଇଥିଲା। ଏହି ବିମାନକୁ ପୂର୍ବରୁ ଇଥିଓପିଆ, ଲିବ୍ୟା ଏବଂ ସୋମାଲିଆ ଭଳି ସଂଘର୍ଷ ଅଞ୍ଚଳରେ ନିୟୋଜିତ କରାଯାଇଥିଲା।

# ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ବାଙ୍କୀ (୧୯୬୬ ଶ୍ରେଣୀ) ଛାତ୍ରଙ୍କ ୩୧ ତମ ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ୧୯୬୬ ମସିହାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ୩୧ତମ ବାର୍ଷିକ ସମ୍ମିଳନୀ ଓ ପାରିବାରିକ ବନ୍ଧୁ ମିଳନ, ବାଙ୍କୀ ବେଦପୁର ଗ୍ରାମର ଷଠୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ସମିତିର ସଭାପତି ନୀଳମୋହନ ତ୍ରିପାଠୀ, ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭ୍ୟ ହରିହର ସାହୁଙ୍କ ପ୍ରସ୍ତାବ କ୍ରମେ ଦିବଂଗତ ସାଥି, ଘୋଡାବର ଗ୍ରାମର ଧନେଶ୍ୱର ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ପ୍ରେମାନନ୍ଦ ରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ ବ୍ରଜବନ୍ଧୁ ପଣ୍ଡା, ବରେନ୍ଦ୍ର କୃଷ୍ଣ ବିଦ୍ୟାପଠରୁ ଉତ୍ତୀର୍ଣ୍ଣ ଜଣେ ଗରିବ ମେଧାବୀ ଛାତ୍ର, ବାଙ୍କି, ମହାବିଦ୍ୟାଳୟ ଆଇ.ଏ. ଶ୍ରେଣୀ ନାମ ଲେଖାଇ ଖର୍ଚ୍ଚ ସେ ବହନ କରିବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଗଲା। ଏଥିପାଇଁ ବ୍ରଜବନ୍ଧୁ ପାଲଙ୍କ ସଭାପତିତ୍ୱ, ବ୍ରଜବନ୍ଧୁ ପଣ୍ଡା, ପ୍ରେମାନନ୍ଦ ରାଜ, ବିଦ୍ୟାଳୟର ଜଣେ ପ୍ରତିନିଧିଙ୍କୁ ନେଇ ଚୟନ କମିଟି ଗଠନ କରାଗଲା। ଗତ ୦୭-୧୦-୨୦୨୫ ରିଖରେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ସମାରୋହକୁ ସଫଳ କରାଇଥିବା, ଶତବାର୍ଷିକ କମିଟିର ସଭାପତି ଶ୍ରୀଭବାନୀ ପ୍ରସାଦ ପଣ୍ଡିତ, ସଂଯୋଜକ ନୀଳମୋହନ ତ୍ରିପାଠୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ପ୍ରଧାନ ଶିକ୍ଷୟିତ୍ରି ବିଣାପାଣି ଦାଶ, ସଂପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ ଏଥିରେ ସହଯୋଗ, ସାହାଯ୍ୟ କରିଥିବା ସମସ୍ତ ପ୍ରାକ୍ତନ ଛାତ୍ର, ଶିକ୍ଷକ, ଶିକ୍ଷୟତ୍ରି, ବିଦ୍ୟାଳୟର କମଚାରୀ ମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଡ. ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କୁ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଅବଦାନ ପାଇଁ "ଜସସ୍ୱୀ ଛାତ୍ର-୧୯୬୬" ସମ୍ମାନରେ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡ. ତ୍ରିପାଠୀ ସମ୍ବର୍ଦ୍ଧନା ପାଇଁ ବରେନ୍ଦ୍ର କୃଷ୍ଣ ବିଦ୍ୟାଳୟରେ ତାଙ୍କୁ ପାଠ ପଢାଇଥିବା ଶିକ୍ଷକମାନଙ୍କୁ ପ୍ରଣାମ ଜଣାଇବା ସହ ବିଦ୍ୟାଳୟ ଓ ବାଙ୍କୀ ମାଟିର ଉନ୍ନତି ନିମନ୍ତେ ସମସ୍ତେ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଶିକ୍ଷକ ଶ୍ରୀ ତ୍ରିପାଠୀ ସମସ୍ତ ପୁରାତନ ଛାତ୍ରମାନଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଉନ୍ନତି ନିମନ୍ତେ ସେମାନଙ୍କର ସୁଚିନ୍ତିତ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ୭୦ ବର୍ଷ ପାର ହୋଇଥିବା ୧୯୬୨-୧୯୬୬ ମସିହାରେ ବିଦ୍ୟାଳୟରେ ପାଠ ପଢିଥିବା ବେଳର ସାଥି ଓ ପରିବାର ବର୍ଗଙ୍କୁ ଦେଖି ଅଧିବକ୍ତା ଶ୍ରୀନିବାସ ମହାପାତ୍ର, ଡଃ ବନମାଳୀ ନାୟକ, ଡଃ ରାଜେନ୍ଦ୍ର ନାଥ ସିଂ, ହରିହର ସାହୁ, ଲଳିତ ମହାପାତ୍ର, ଧନେଶ୍ୱର ସାହୁ, କସ୍ତୁରି ଚରଣ ପ୍ରଧାନ, ହେମନ୍ତ ବେହେରା, ଦାମୋଦର ଜେନା, କାଶୀନାଥ ମଲ୍ଲିକ, ରବିନ୍ଦ୍ର ନାଥ ସାହୁ ଭାବ ବିହ୍ୱଳିତ ହୋଇ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ସଭାପତି ଶ୍ରୀ ତ୍ରିପାଠୀ ସମସ୍ତ ସଭ୍ୟ ଓ ପରିବାର ବର୍ଗଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ସମସ୍ତଙ୍କୁ ଆଗାମୀ ବର୍ଷରେ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

# ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ବିଭାଗୀୟ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଗୁରୁବାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଚାରାଧୀନ ପ୍ରକଳ୍ପଗୁଡିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତଥ୍ୟ ସଂଗ୍ରହ, ଅନଲାଇନ୍ ତଥ୍ୟ ମନିଟରିଂ ସିଷ୍ଟମ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରଭାବ ସମ୍ପର୍କିତ ମୂଲ୍ୟାଙ୍କନ ଏବଂ ସ୍କାଡା ପ୍ରଯୁକ୍ତିବିଦ୍ୟାର ପ୍ରଭାବ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା।

# ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ: ୧.୪୪ କୋଟି ଟଙ୍କା ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଡିସେମ୍ବର ୨୦ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୧୯ତମ ଦିନରେ ଅବକାରୀ ବିଭାଗ ୨୭୯ଟି ମାମଲା ରୁଜୁ କରିଛି, ଯେଉଁଥିରେ ଏନଡିପିଏସ୍ ଆଇନରେ ୧୦ଟି ମାମଲା ଅନ୍ତର୍ଭୁକ୍ତ ରହିଛି। ଏହି ଅଭିଯାନରେ ୧.୪୪ କୋଟି ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ବେଆଇନ ନିଶା କାରବାରରେ ସମ୍ପୃକ୍ତ ଅଭିଯୋଗରେ ୧୭୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯ଟି ଗାଡି ଜବତ କରାଯାଇଛି। ଜବତ ସାମଗ୍ରୀମାନଙ୍କ ମଧ୍ୟରେ ୧୩,୪୭୭ ଲିଟର ବେଆଇନ ଭାବେ ପ୍ରସ୍ତୁତ ମଦ ଏବଂ ୪୦୦ ଲିଟର ଡ୍ୟୁଟି ପେଡ୍ ଲିକର ରହିଛି। ଏଥି ସହିତ ୬୬,୦୫୦ ଲିଟର ମହୁଲି ପୋଚ, ୫୮,୩୦୦ କି.ଗ୍ରା ଗୁଡ଼ ପୋଚ ଏବଂ ୧୮୨ କି.ଗ୍ରାମ ଭାଙ୍ଗ ଜବତ ହୋଇଛି।

ଭୁବନେଶ୍ୱର
୦୯ ଜାନୁଆରୀ,
ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ବିଦେଶୀ ପକ୍ଷୀଙ୍କ ଠିକଣା ହୀରାକୁଦ ଜଳଭଣ୍ଡାର : ୧୮ରୁ ଆରମ୍ଭ ହେବ ଗଣନା



ସମ୍ବଲପୁର,୦୮/୦୧
ନ୍ୟୁଜ ବ୍ୟୁରୋ

ଆସନ୍ତା ୧୮ ତାରିଖରୁ ହୀରାକୁଦ ଜଳଭଣ୍ଡାରରେ ଆରମ୍ଭ ହେବ ପକ୍ଷୀ ଗଣନା। ଏଥିପାଇଁ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ପକ୍ଷୀ ଗଣିବା ପାଇଁ ୩୨ଟି ଡଙ୍ଗାରେ ୭୦ ଜଣ ପକ୍ଷୀ ବିଶେଷଜ୍ଞ ରହିବେ। ଭୋର ୫ଟାରୁ ଏହି ଗଣନା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏଁ ଚାଲିବ । ଜଳ ଭଣ୍ଡାରର ପ୍ରାୟ ୫୫୦ ବର୍ଗ କିଲୋମିଟରରେ ଏହି ପକ୍ଷୀ ଗଣନା ଜାରି ରହିବ ବୋଲି ହୀରାକୁଦ ବନ୍ୟପ୍ରାଣୀ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଗତ ବର୍ଷ ହୀରାକୁଦ ଜଳଭଣ୍ଡାରକୁ ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀ ଆସିଥିଲେ। ଗତ ବର୍ଷ ୭ ଶହ ବର୍ଗ କିଲୋମିଟିର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମିକୁ ୟୁରୋପ ଓ ଆମେରିକାରୁ ପ୍ରଥମ ଥର ପକ୍ଷୀ ଆସିଥିଲେ। ୟୁରେଷିଆନ୍ ୱିଗୋନ୍, ଗଡ୍ୱାଲ୍, ମାଲାର୍ଡ, ସ୍ମଲ୍ ଗ୍ରେବସ୍, ଟର୍ନସ୍, ବାର୍ ହେଡ୍ ଗୋସ୍, ଟୁଫଟେଡ୍ ଡକ୍, ପୋଚାର୍ଡ, ହ୍ୱିସିଲ୍ ଡକ୍, ସ୍ୟାଣ୍ଡପାଇପର ସହ ନର୍ଦନ୍ ପିଣ୍ଟେଲ୍ ଭଳି ଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଜଳଭଣ୍ଡାରର ଛତିଶଗଡ ସୀମାରୁ ହୀରାକୁଦ ଏବଂ ପାୱାର୍ ଚ୍ୟାନେଲ ମଧ୍ୟରେ ମୋଟ୍ ୭ ଶହ ବର୍ଗ କିମି ଅଞ୍ଚଳରେ ଗଣନା କରାଯିବ । ଗତବର୍ଷ ଛତିଶଗଡ ସୀମାନ୍ତରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା ଅନେକ ଗୁଣରେ ବଢ଼ିଥିଲା। ଏଥର ମଧ୍ୟ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସାଧାରଣତଃ ହୀରାକୁଦ ଅଞ୍ଚଳର ଦିନର ତାପମାତ୍ରା ୨୦ରୁ ୨୬ ଡିଗ୍ରୀ ମଧ୍ୟରେ ରହିଥାଏ। ରାତିରେ ଏହା ୧୦କୁ ଖସି ଆସିଥାଏ। ପ୍ରତ୍ୟେକ ବର୍ଷ ନଭେମ୍ବର ମଧ୍ୟ ଭାଗରୁ ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ଏହି ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଥାନ୍ତି। ଏଠାକାର ତାପମାତ୍ରା ଓ ଜଳବାୟୁ ସୁହାଇବା ସହ ପ୍ରଚୁର ପରିମାଣର ଖାଦ୍ୟ ମିଳୁଥିବାରୁ ପକ୍ଷୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗଣନା କରୁଥିବା ଦଳକୁ ଅତ୍ୟାଧୁନିକ କ୍ୟାମେରା ସହିତ ଜିପିଏସ୍ ମେସିନ୍ ପ୍ରତି ବୋଟ୍‌ରେ ଦିଆଯିବାର ବ୍ୟବସ୍ଥା ରହିଛି । ଗତ ୨୦୨୧ ମସିହାରେ ହୀରାକୁଦକୁ ୯୮ ପ୍ରଜାତିର ୧ ଲକ୍ଷ ୨୪ ହଜାର ପକ୍ଷୀ ଆସିଥିବା ବେଳେ ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା । ୨୦୨୩ରେ ଉଭୟ ପ୍ରଜାତି ଏବଂ ସଂଖ୍ୟା ବି ବଢ଼ିଥିଲା। ୧୦୮ ପ୍ରଜାତିର ମୋଟ୍ ୩ ଲକ୍ଷ ୧୬ ହଜାର ଟପିଥିଲା। ୨୦୨୪ରେ ୧୧୩ଟି ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ପକ୍ଷୀ ହୀରାକୁଦକୁ ଆସିଥିଲେ ।

## ନୂଆବର୍ଷରେ ଯାତ୍ରୀଙ୍କୁ ନୂଆ କଷ୍ଟ

# ଭକ୍ତ ନିବାସରେ ୪ ଚକିଆ ଥୋଇଲେ ଦେବାକୁ ପଡ଼ିବ ୫୦୦ ଟଙ୍କା

ପୁରୀ,୦୮/୦୧
ନ୍ୟୁଜ ବ୍ୟୁରୋ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତ ନିବାସଗୁଡ଼ିକରେ ୪ ଚକିଆ ଯାନ ରଖିଲେ ୨୪ ଘଣ୍ଟାକୁ ୫୦୦ ଟଙ୍କା ପାର୍କିଂ ଫି ଦେବାକୁ ପଡ଼ିବ । ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ନିର୍ଦ୍ଦେଶନାମା ବାହାରିବା ପରେ ଏହାକୁ ନେଇ ଅନେକ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ମଙ୍ଗଳବାର ଏନେଇ ନିର୍ଦ୍ଦେଶନାମା ବାହାରିଥିବା ବେଳେ ଗୁରୁବାର ଠାରୁ ତାହା ଲାଗୁ ହୋଇଛି। ନୂଆବର୍ଷ ଆରମ୍ଭରେ ଯାତ୍ରୀଙ୍କୁ ଏହି ନୂଆ କଷ୍ଟ ଦେଇଛି ପ୍ରଶାସନ। ଶ୍ରୀମନ୍ଦିର ଅନତି ଦୂରରେ ବଡ଼ଦାଣ୍ଡ ପାର୍ଶ୍ୱରେ ନୀଳାଚଳ ଭକ୍ତ ନିବାସ, ନୀଳାଦ୍ରି ଭକ୍ତ ନିବାସ, ପୁରୁଷୋତ୍ତମ ଭକ୍ତ ନିବାସ, ଶ୍ରୀଗୁଣ୍ଡିଚା ଭକ୍ତ ନିବାସ ରହିଛି । ଏଠାରେ ଯାତ୍ରୀଙ୍କ ରହଣି ଶୁଳ୍କ ଖୁବ୍ ଅଧିକ ହୋଇଥିବା ବେଳେ ଏବେ ଏଠାରେ ୪ ଚକିଆ ଯାନ ନିମନ୍ତେ ଅହେତୁକ ପାର୍କିଂ ଫି ଦେବାକୁ ପଡ଼ିବ। ଯାହା ଅସନ୍ତୋଷର କାରଣ ହୋଇଛି। ସାଧାରଣତଃ ୨୪ ଘଣ୍ଟା ଗାଡ଼ି ପାର୍କିଂ ନିମନ୍ତେ ୫୦ରୁ ୧୦୦ ଟଙ୍କା ଭିତରେ ଆଦାୟ ହୋଇଥାଏ। ହେଲେ ଏହି ପରିମାଣକୁ ୫୦୦ ଟଙ୍କା କରାଯିବା ଯାତ୍ରୀଙ୍କ ଚିନ୍ତା ବଢ଼ାଇଛି । ସେପଟେ ଯାତ୍ରୀମାନେ ଭକ୍ତ ନିବାସରେ ରହଣି ନିମନ୍ତେ ଅଧିକ ଶୁଳ୍କ ଦେଉଥିବା ବେଳେ ଏହାବାଦ୍ ପାର୍କିଂ ନିମନ୍ତେ ଶୁଳ୍କ ଦେବାକୁ ପଡୁଥିବା ଜାଣିବା ପରେ ଅସନ୍ତୋଷ ସୃଷ୍ଟି କରିଛି। ଗୁଣ୍ଡିଚା ଭକ୍ତନିବାସ, ନୀଳାଦ୍ରି ଭକ୍ତନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ନୀଳାଚଳ ଭକ୍ତନିବାସର ପାର୍କିଂ ଫି ବଢ଼ିଛି। ଶ୍ରୀମନ୍ଦିର ମୁଖ୍ୟ ଉନ୍ନୟନ ପ୍ରଶାସକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା କି ନାହିଁ ସ୍ପଷ୍ଟ ହୋଇନାହିଁ।

# କୋର୍ଟକୁ ବୋମା ଧମକ ଘଟଣା ନେଇ ଚିନ୍ତା ପ୍ରକଟ କଲେ ନବୀନ

ଭୁବନେଶ୍ୱର ୮।୧
ନ୍ୟୁଜ ବ୍ୟୁରୋ



ଇ-ମେଲ୍ ଯୋଗେ ସମ୍ବଲପୁର, କଟକ ଓ ଦେଓଗଡ଼ ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ଘଟଣା ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । 'ଏକ୍ସ' ପୋଷ୍ଟରେ ନବୀନ ଲେଖିଛନ୍ତି, ଇ-ମେଲ୍ ଯୋଗେ ସମ୍ବଲପୁର, କଟକ ଓ ଦେଓଗଡ଼ର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିଥିବା ଜାଣି ମୁଁ ଗଭୀର ଭାବେ ଚିନ୍ତିତ। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି । ଭାରପ୍ରାପ୍ତ ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରନ୍ତୁ। ଧମକ କେଉଁଠୁ ଆସିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଠାବ କରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ । ଏପରି ସ୍ଥିତିରେ ମୁଁ ଜନସାଧାରଣଙ୍କୁ ଆହ୍ୱାନ କରୁଛି ସେମାନେ ଶାନ୍ତ ରୁହନ୍ତୁ, ଗୁଜବ ପ୍ରଚାରରୁ ଦୂରେଇ ରୁହନ୍ତୁ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ସୂଚନାଯୋଗ୍ୟ ଯେ, ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବା ନେଇ ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ଦେବଗଡ଼, ସମ୍ବଲପୁର ଏବଂ କଟକ ଜିଲ୍ଲା କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା । ତେବେ ପରେ ଜଣାପଡ଼ିଥିଲା ଯେ ଏହା ଏକ ଗୁଜବ ସୃଷ୍ଟିକାରୀ ଇ-ମେଲ୍ ଥିଲା । ଦେଶର ଆଉ ୬ଟି ରାଜ୍ୟରେ ମଧ୍ୟ ସମାନ ଧରଣର ମେଲ୍ ଆସିଥିବା ବେଳେ ସେଠାରେ ମଧ୍ୟ ଚେକିଂ କରାଯାଇଥିଲା । ଘଟଣାର ତଦନ୍ତ ଆରମ୍ଭ ହୋଇଛି, ଉଭୟ କ୍ରାଇମବ୍ରାଞ୍ଚ ଏବଂ ସାଇବର ସେଲ ମାମଲାର ତଦନ୍ତ ଆରମ୍ଭ କରିଛି ବୋଲି ପୋଲିସ କମିଶନର କହିଛନ୍ତି। ଧମକପୂର୍ଣ୍ଣ ଇ-ମେଲର ସୋର୍ସ କ'ଣ ତାହା ଜାଣିବା ଲାଗି ପୋଲିସ ସବୁ ପ୍ରକାର ଚେଷ୍ଟା କରୁଛି ବୋଲି କହିଛନ୍ତି ପୋଲିସ କମିଶନର। ଏଭଳି ହୀନକାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଦାବି ହୋଇଛି ।

## ବୁଲା କୁକୁର ମାମଲାରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ

# 'ଯେଉଁ ମାନେ ଭୟ କରନ୍ତି, ସେମାନଙ୍କୁ କୁକୁର କାମୁଡନ୍ତି'

ନୂଆଦିଲ୍ଲୀ, ୮/୧

ବୁଲା କୁକୁରମାନେ ସେମାନଙ୍କୁ ଆକ୍ରମଣ କରନ୍ତି, ଯେଉଁ ମାନେ ତାଙ୍କୁ ଭୟ କରନ୍ତି । ଗୁରୁବାର ବୁଲା କୁକୁର ସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟ। ବିଚାରପତି କହିଛନ୍ତି ଯେ, ସେ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହୁଛନ୍ତି। ତେବେ ଶୁଣାଣି ସମୟରେ କୋର୍ଟରେ ଉପସ୍ଥିତ ଥିବା କୁକୁର ପ୍ରେମୀମାନେ ଏହା ଶୁଣି ସହମତିରେ ମୁଣ୍ଡ ହଲାଇଥିଲେ। ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। କୋର୍ଟ କୁକୁର ପ୍ରେମୀ ଏବଂ ନିର୍ଦ୍ଦେଶର କଠୋର ଅନୁପାଳନ ଦାବି କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୂର୍ବ ନିର୍ଦ୍ଦେଶରେ ସଂଶୋଧନ ପାଇଁ ଆବେଦନ ଗୁଡ଼ିକର ଶୁଣାଣି କରୁଛନ୍ତି। କୋର୍ଟ କହିଛନ୍ତି, 'କୁକୁରମାନେ ସର୍ବଦା ସେମାନଙ୍କୁ ଚିହ୍ନିଥାନ୍ତି, ଯେଉଁମାନେ ତାଙ୍କୁ ଭୟ କରନ୍ତି। ଆଉ ଯେତେବେଳେ କୁକୁର ମଣିଷ ବିଷୟରେ ଏପରି ଅନୁଭବ କରେ, ସେତେବେଳେ କୁକୁର ପ୍ରଥମେ ସେମାନଙ୍କୁ ଆକ୍ରମଣ କରେ। ଆମେ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହୁଛୁ।' ଏହା ଶୁଣି କୁକୁର ପ୍ରେମୀମାନେ ମୁଣ୍ଡ ହଲାଇଥିଲେ, ଖଣ୍ଡପୀଠ ସେମାନଙ୍କୁ ମୁଣ୍ଡ ନହଲାଇବା କହିଥିଲେ। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି କୁକୁରମାନେ ଆପଣଙ୍କୁ ଭୟ କରୁଥିବା ଭାବରେ ଦେଖନ୍ତି, ତେବେ ସେମାନେ ଆକ୍ରମଣ କରିବାର ସମ୍ଭାବନା ଅଧିକ। ଆପଣଙ୍କ ପୋଷା କୁକୁର ମଧ୍ୟ ଏହା କରିପାରିବ। କୋର୍ଟ ଏହି ମନ୍ତବ୍ୟ ଜଣେ ଓକିଲଙ୍କ କହିବା ପରେ ଦେଇଥିଲେ ଯେ, ଥରେ କୁକୁର କାମୁଡ଼ି ଦେଲା ପରେ ତାକୁ ବାହାରେ ଛାଡିବା ଉଚିତ୍ ନୁହେଁ। କୋର୍ଟ କହିଥିଲେ ଯେ, ଆରଡବ୍ଲୁଏ ହେଲ୍ପଲାଇନ୍‌କୁ କୁକୁର କାମୁଡ଼ାର ୨୦ ହଜାର ଅଭିଯୋଗ ମିଳିଛି। ସେ କହିଥିଲେ ଯେ, ପୋଷା କୁକୁର ଏବଂ ବୁଲା କୁକୁର ମଧ୍ୟରେ ପାର୍ଥକ୍ୟ ବୁଝିବା ଆବଶ୍ୟକ। ବୁଲା କୁକୁରମାନଙ୍କୁ ପୋଷା କୁକୁର ଭାବରେ ରଖାଯାଇପାରିବ, କିନ୍ତୁ ଏହା କୁକୁର ପ୍ରେମୀଙ୍କ ପାଇଁ ଏକ ସମସ୍ୟା। ସେ କହିଥିଲେ ଯେ ମୁଖ୍ୟ ସମସ୍ୟା ହେଉଛି କୁକୁରମାନେ ସେମାନଙ୍କ ଅଞ୍ଚଳ ପ୍ରତି ବହୁତ ସମ୍ବେଦନଶୀଳ ଏବଂ ପ୍ରତି ୨ଶହ-୩ଶହ ମିଟରରେ ସେମାନଙ୍କର ଅଞ୍ଚଳ ପରିବର୍ତ୍ତନ ହୁଏ।



# ବାୟୁ ପ୍ରଦୂଷଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଚିନ୍ତା : ଲୋଡିଲେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ



ଅନୁଗୁଳ ୦୮/୦୧ ନ୍ୟୁଜ ବ୍ୟୁରୋ

ଅନୁଗୁଳ-ତାଳଚେରରେ ବାୟୁ ପ୍ରଦୂଷଣ ଚିନ୍ତା। ବଢୁଥିବା ବାୟୁ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପୃଥକ ପତ୍ର ଲେଖି ହସ୍ତକ୍ଷେପ ଲୋଡିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପୃଥକ ପତ୍ର ଲେଖି ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇଛନ୍ତି । ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଗମ୍ଭୀର' ସ୍ଥିତିରେ ରହିବା ନେଇ ଶ୍ରୀ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷ କରି ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଏକ ଉଦ୍‌ବେଗଜନକ ବିଷୟ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ଶ୍ରୀ ପ୍ରଧାନ ତିନୋଟି ପତ୍ର ମାଧ୍ୟମରେ ପୃଥକ ପୃଥକ ପ୍ରସ୍ତାବ ଦେଇଛନ୍ତି। ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ 'ମେକାନାଇଜଡ୍ କୋଲ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ' ଏବଂ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଏବଂ ଖଣି କରିଡର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ 'ଗ୍ରୀନ୍ ବଫର' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ, ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସ୍ଥାୟୀ ସମାଧାନ ବାହାର କରିବା ଆବଶ୍ୟକ। ଅନୁଗୋଳ ଏବଂ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# କୃଷକ ଦକ୍ଷତା ଓ କୃଷି-ଇନ୍କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୦୮/୧ ନ୍ୟୁଜ ବ୍ୟୁରୋ

ରାଜ୍ୟର ପ୍ରାଥମିକ କ୍ଷେତ୍ରକୁ ଆଧୁନିକୀକରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର କୃଷକ ଦକ୍ଷତା ଓ କୃଷି-ଇନ୍କ୍ୟୁବେସନ୍ କେନ୍ଦ୍ର ତିଆରି ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିବା ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଭବିଷ୍ୟତ କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା। ଏହି ଦକ୍ଷତା କେନ୍ଦ୍ର ଚାରୋଟି ସ୍ୱତନ୍ତ୍ର ମଡ୍ୟୁଲ୍ ମାଧ୍ୟମରେ କାର୍ଯ୍ୟ କରିବ। ଯଥା କୃଷି-ଉଦ୍ୟୋଗୀ ବିକାଶ- କୃଷି କ୍ଷେତ୍ରରେ ନୂତନ ବ୍ୟବସାୟ ଚାଷ କରିବା, ଚାଷୀ ଦକ୍ଷତା ଏବଂ ତାଲିମ-ଆଧୁନିକ କୌଶଳର ବ୍ୟବହାରିକ ଶିକ୍ଷା। ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ- 'ଆଗ୍ରୋ-ଟେକ୍'ରେ ସର୍ବଶେଷ ଉନ୍ନତି ପ୍ରଦର୍ଶନ ଏବଂ ମୂଲ୍ୟଯୁକ୍ତ ସେବା ଯଥା ଉତ୍ପାଦର ବଜାରୀକରଣ ବୃଦ୍ଧି ଇତ୍ୟାଦି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦକ୍ଷତା ବିକାଶ। ଏହାଦ୍ୱାରା ଆମେ ଆମର ଚାଷୀମାନଙ୍କୁ ଆଧୁନିକ କୌଶଳରେ ତାଲିମ ଦେଇ ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରି ଏବଂ ବଜାର ସଂଯୋଗ ପ୍ରଦାନ କରି ଗ୍ରାମୀଣ ଓଡ଼ିଶା ପାଇଁ ଦୀର୍ଘକାଳୀନ ଲାଭ ଓ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିପାରିବୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ, କୃଷି ଦକ୍ଷତା ବିକାଶ କେନ୍ଦ୍ର ଅତ୍ୟାଧୁନିକ ବ୍ୟବସ୍ଥାକୁ ଏକୀକୃତ କରିବ ଯେଉଁଥିରେ, ସଠିକ କୃଷି- ଫସଲ ପରିଚାଳନା ପାଇଁ ଇଣ୍ଟରନେଟ -ଚାଳିତ ତଥ୍ୟ, କୃଷି ଫଟୋଭୋଲ୍ଟାଇକ୍ସ- ସୌର ଶକ୍ତି ଏବଂ ଚାଷ ପାଇଁ ଭୂମିର ଦ୍ୱୈତ ବ୍ୟବହାର, ଉନ୍ନତ ପରୀକ୍ଷାଗାର ସୁବିଧା- ଟିସୁ କଲଚର, ପ୍ରୟୋଗାଗାର ଓ ପୁନଃ ସଞ୍ଚାଳନ ଜଳକୃଷି ପ୍ରଣାଳୀ ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିସହ ସ୍ଥାୟୀ ଲଜିଷ୍ଟିକ୍ସ- ନବୀକରଣୀୟ ଶକ୍ତି-ଚାଳିତ ଶୀତଳ ଭଣ୍ଡାର ଏବଂ ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର ମଧ୍ୟ ରହିବ। ଏଥି ନିମନ୍ତେ ସରକାର ଦୁଇଟି ସମ୍ଭାବ୍ୟ ସ୍ଥାନ ଏଚଟିଆଇ ନିଳଡୁଙ୍ଗୁରି ଓ ଡେରାସ ଉଦ୍ୟାନ କୃଷି ଫାର୍ମରେ ବିସ୍ତୃତ ବୈଷୟିକ ଓ ଆର୍ଥିକ ସମ୍ଭାବ୍ୟତା ସମ୍ବନ୍ଧରେ ଅଧ୍ୟୟନ କରିସାରିଛନ୍ତି। ଅଧ୍ୟୟନ ଅନୁଯାୟୀ ପୁଞ୍ଜି ନିବେଶ ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସହାୟତା ସହିତ ପ୍ରକଳ୍ପଟି ଅତ୍ୟନ୍ତ ସମ୍ଭାବ୍ୟ ବୋଲି ଜଣାଯାଇଛି। ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବିଶ୍ୱ ମାନଦଣ୍ଡ ପୂରଣ କରୁଛି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଅର୍ନଷ୍ଟ ଆଣ୍ଡ ୟଙ୍ଗ କମ୍ପାନୀ ବର୍ତ୍ତମାନ ପରାମର୍ଶଦାତା ଭାବରେ କାର୍ଯ୍ୟ ମଧ୍ୟ କରୁଛନ୍ତି। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଇ. ଆଣ୍ଡ ୱାଇର ପ୍ରତିନିଧି ଏବଂ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ମା' ହେବ ବଳିଆ କୁକୁର

ବାରଙ୍ଗ,୦୮/୦୧ ନ୍ୟୁଜ ବ୍ୟୁରୋ

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଏବେ ବଳିଆ କୁକୁର ବଂଶ ବୃଦ୍ଧି ହେବ । ପ୍ରଥମ ଥର ପାଇଁ ମା' ହେବାକୁ ଯାଉଛି ବଳିଆ କୁକୁର । ସେହିପରି ଧୂସର ଗଧିଆ ଓ ବିଲୁଆ ମଧ୍ୟ ମା' ହେବାକୁ ଯାଉଛନ୍ତି। ଗତ ନଭେମ୍ବରରେ ବଳିଆ କୁକୁରର ମିଳନ କରାଯାଇଥିଲା। କୁକୁର ଉପରେ ଆରମ୍ଭରୁ ନଜର ରଖାଯାଇଛି। ଦରକାରୀ ଔଷଧ ଦିଆଯାଉଛି। ସମୟ ପାଖେଇ ଆସିଥିବାରୁ ସିସିଟିଭି ମାଧ୍ୟମରେ କର୍ମଚାରୀମାନେ ଦିନ ରାତି ଜଗିରହୁଛନ୍ତି। ଆଉ ଅଳ୍ପଦିନ ମଧ୍ୟରେ ଶାବକ ଜନ୍ମ ଦେବ ବୋଲି ଜଣାପଡ଼ିଛି ।

# ସୁଲଭ ବାସଗୃହ ପ୍ରକଳ୍ପର ସମୀକ୍ଷା : ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକର ବଣ୍ଟନ ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୦୮/୧
ନ୍ୟୁଜ ବ୍ୟୁରୋ

ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସହ ନିର୍ମାଣ ସରିଥିବା ଗୃହଗୁଡ଼ିକର ସଠିକ୍ ବଣ୍ଟନ ଓ ବ୍ୟବହାର ପାଇଁ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାସଗୃହ ବଣ୍ଟନ ପ୍ରକ୍ରିୟାକୁ ସରଳ କରିବା ଏବଂ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଚନ୍ଦ୍ରଶେଖରପୁର ସୁଲଭ ବାସଗୃହ ପ୍ରକଳ୍ପ (ବୁଦ୍ଧ ବିହାର), ନୀଳମାଧବ ଆବାସ ଯୋଜନା, ଶାନ୍ତିପଲ୍ଲୀ ଆବାସ ଯୋଜନା ଏବଂ ସୁବୁଦ୍ଧିପୁର ସୁଲଭ ବାସଗୃହ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକ ଯେପରି ଖାଲି ପଡ଼ି ନରହେ, ସେଥିପାଇଁ ହିତାଧିକାରୀଙ୍କୁ ତୁରନ୍ତ ବଣ୍ଟନ କରିବା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଘାଟିକିଆ ଏବଂ ଗାଡ଼କଣଠାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ଆବାସ ପ୍ରକଳ୍ପଗୁଡ଼ିକର ସୂଚାରୁ ପରିଚାଳନା ପାଇଁ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ 'କ୍ଷମତାପ୍ରାପ୍ତ କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କମିଟି ବାସଗୃହ ବଣ୍ଟନ ନୀତି, ଭଡ଼ା ଘରକୁ ପ୍ରାଥମିକତା ଏବଂ ଆନ୍ତଃ-ବିଭାଗୀୟ ସମସ୍ୟାର ସମାଧାନ କରିବ। ନୂତନ ନିୟମ ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ୬ ମାସ ପାଇଁ 'ଅସ୍ଥାୟୀ ବଣ୍ଟନ କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସଫଳତାର ସହ ଏହି ସମୟ ଅତିବାହିତ ହେବା ପରେ ହିଁ ସ୍ଥାୟୀ ଆବଣ୍ଟନ ପତ୍ର ପ୍ରଦାନ କରାଯିବ। ବଣ୍ଟନ କରାଯାଇଥିବା ଘରକୁ କେହି ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ। ଏହି ସମୀକ୍ଷା ବୈଠକରେ ବିଡିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ଚଞ୍ଚଳ ରାଣା, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ସୁଭାନନ୍ଦ ମହାପାତ୍ର, ଅତିରିକ୍ତ କମିଶନର ବିଡିଏ ମନୋଜ ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସହରୀ ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ସମସ୍ତଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ବୈଠକରେ ଦୋହରାଯାଇଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଅଲିଭ ରିଡ୍‌ଲେ କଇଁଛକୁ ଜଗିବ ୱାଚ୍ ଟାୱାର, ଏଆଇ ନଜରରେ ରହିବେ ଶିକାରୀ

ଭୁବନେଶ୍ୱର, ୮/୧
ନ୍ୟୁଜ ବ୍ୟୁରୋ



ଓଡ଼ିଶା ଉପକୂଳ ମୁହାଁ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ କଇଁଛ । ହଜାର ହଜାର ମାଇଲ୍ ଅତିକ୍ରମ କରି ରାଜ୍ୟର ବିଭିନ୍ନ ବେଳାଭୂମିକୁ ଆସିଥାନ୍ତି ଏହି ବିରଳ ପ୍ରଜାତିର କଇଁଛ । ସୁରକ୍ଷିତ ମୁହାଣ ଭାବେ ଓଡ଼ିଶାକୁ ବାଛି ନେଇଛନ୍ତି ଏମାନେ। ସାଧାରଣ ଭାବରେ ନଭେମ୍ବରରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି କଇଁଛଙ୍କ ମିଳନ ପର୍ବ ଜାରି ରହେ। ତେବେ ଏହା ପରେ ପାଖାପାଖି ମେ' ମାସ ପର୍ଯ୍ୟନ୍ତ ବେଳାଭୂମିରେ ଆରମ୍ଭ ହୋଇଥାଏ ଗଣ ଅଣ୍ଡାଦାନ ପ୍ରକ୍ରିୟା। ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରୁଛି ପ୍ରଶାସନ। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ୩ଟି ସ୍ଥାନରେ ପ୍ରାଥମିକ ଭାବରେ ୱାଚ ଟାୱାର ପ୍ରସ୍ତୁତ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି । ତେବେ ଓଡ଼ିଶାର ସାମୁଦ୍ରିକ ତଟ କେନ୍ଦ୍ରାପଡ଼ାର ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଅଭୟାରଣ୍ୟ, ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ, ଗଞ୍ଜାମ ରଷିକୂଲ୍ୟା ବନ୍ୟପ୍ରାଣୀ ଅଭୟାରଣ୍ୟ ନଦୀ ତଟକୁ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି । ତେବେ ଚଳିତ ବର୍ଷ ପୂର୍ବବର୍ଷ ଭଳି ମଧ୍ୟ କଇଁଛଙ୍କ ଆଗମନ ସହ ବନ ବିଭାଗ ସେମାନଙ୍କ ସୁରକ୍ଷା ପାଇଁ ଏକାଧିକ କଟକଣା ଉପରେ ନଜର ରଖିଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, 'ଚଳିତବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡ୍‌ଲେ ଆସିବେ ବୋଲି ଆଶା ରହିଛି। କଇଁଚଙ୍କୁ ସୁରକ୍ଷା ପ୍ରଦାନ କରିବା ଆମର ଦାୟିତ୍ୱ। ସେଥିପାଇଁ ଆମର ସେଠାରେ କ୍ଲୋଜ ମନିଟରିଂ କରାଯାଉଛି। ରଷିକୂଲ୍ୟା, ଭିତରକନିକାରେ ତିନୋଟି ୱାଚ ଟାୱର କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ୩ଟି ସ୍ଥାନରେ ପ୍ରାଥମିକ ଭାବରେ ୱାଚ ଟାୱାର ପ୍ରସ୍ତୁତ କରାଯିବ। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ବୃଦ୍ଧି କରାଯାଇପାରେ ।' ଏପଟେ ଜଣେ ବରିଷ୍ଠ ବନ ବିଭାଗର ଅଧିକାରୀ କହିଛନ୍ତି, 'ଅଲିଭ ରିଡ୍‌ଲେ ପାଇଁ ଲାଗିବ ଏଆଇ କ୍ୟାମେରା । ଯାହା ଶିକାରୀ ଓ ଅବାଧ ପ୍ରବେଶକୁ ନେଇ ନଜର ରଖିବ । ଅନେକ ସମୟରେ ଲୋକମାନେ ସମୁଦ୍ର କୂଳକୁ ଯାଇ କଇଁଛଙ୍କ ସହିତ ଲାଗିଥାନ୍ତି ଫଟୋ ମଧ୍ୟ ଉଠାଇଥାନ୍ତି। ଏହାକୁ ବାରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ବନ କର୍ମଚାରୀ ରହିବା ସହିତ ଏଆଇ କ୍ୟାମେରା ମଧ୍ୟ ଲଗାଯିବ । ଯାହା ଫଳରେ ଶିକାରୀ ଓ ସାଧାରଣ ଲୋକଙ୍କ ଉପରେ କଡା ନଜର ରଖାଯିବ। କଇଁଛ ଆସିବା ବେଳେ ଡଙ୍ଗା ଆଦିକୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଉଛି ।' ବନବିଭାଗର ସୂଚନା ଅନୁଯାୟୀ : ୨୦୧୯-୨୦ରେ ଗହିରମଥାକୁ ଅଲିଭ ରିଡଲେ ଆସିଛନ୍ତି ୪.୦୭ ଲକ୍ଷ, ରଷିକୂଲ୍ୟାକୁ ଆସିଛନ୍ତି ୩.୨୩ ଲକ୍ଷ, ୨୦୨୦-୨୧ରେ ଗହିରମଥାକୁ ଅଲିଭ ରିଡ୍‌ଲେ ଆସିଛନ୍ତି ୩.୫୦ ଲକ୍ଷ, ରଷିକୂଲ୍ୟାକୁ କୌଣସି ଅଲିଭ ରିଡ୍‌ଲେ ଆସିନାହାନ୍ତି, ୨୦୨୧-୨୨ରେ ଗହିରମଥାକୁ ଅଲିଭ ରିଡ୍‌ଲେ ଆସିଛନ୍ତି ୫.୦୧ ଲକ୍ଷ, ରଷିକୂଲ୍ୟାକୁ ଆସିଛନ୍ତି ୫.୫୦ ଲକ୍ଷ, ୨୦୨୨-୨୩ରେ ଗହିରମଥାକୁ ଅଲିଭ ରିଡ୍‌ଲେ ଆସିଛନ୍ତି ୫.୧୨ ଲକ୍ଷ, ରଷିକୂଲ୍ୟାକୁ ଆସିଛନ୍ତି ୬.୩୭ ଲକ୍ଷ, ୨୦୨୩-୨୪ରେ ଗହିରାମଥାକୁ ଅଲିଭ ରିଡ୍‌ଲେ ଆସିଛନ୍ତି ୩.୦୧ ଲକ୍ଷ, ରଷିକୂଲ୍ୟାକୁ କୌଣସି ଅଲିଭ ରିଡ୍‌ଲେ ଆସିନଥିବା ବନବିଭାଗର ସୂଚନା। ୨୦୨୪-୨୫ରେ ଗହିରାମଥାକୁ ଅଲିଭ ରିଡ୍‌ଲେ ଆସିଛନ୍ତି ୬.୦୭ ଲକ୍ଷ, ରଷିକୂଲ୍ୟାକୁ ଆସିଛନ୍ତି ୯.୦୪ ଲକ୍ଷ ଅଲିଭ ରିଡ୍‌ଲେ।

ଏପଟେ ରାଜ୍ୟ ବନ ବିଭାଗ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସାଟେଲାଇଟ୍ ଟ୍ୟାଗିଂ ଆରମ୍ଭ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ଗହୀରମଥା ଏବଂ ଗଞ୍ଜାମର ରଷିକୂଲ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଦେହରେ ସାଟେଲାଇଟ ଟ୍ୟାଗିଂ କରାଯାଉଛି । ଚଳିତ ବର୍ଷ ୯ଟି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସାଟେଲାଇଟ୍ ଟ୍ୟାଗିଂ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮ଟି କଇଁଛଙ୍କ ଦେହରେ ଲାଗିଛି ସାଟେଲାଇଟ ଟ୍ୟାଗ। କିଛିଦିନ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଛଅଟି ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କୁ ସାଟେଲାଇଟ୍-ଲିଙ୍କ୍‌ଡ ଟ୍ରାକିଂ ଡିଭାଇସ୍ ସହିତ ଟ୍ୟାଗିଂ କରାଯାଇଥିଲା । ସେହିପରି ଭାବରେ ଗଞ୍ଜାମର ରଷିକୂଲ୍ୟା ନଦୀ ମୁହାଣରେ ଦୁଇଟି ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କୁ ସାଟେଲାଇଟ୍-ଲିଙ୍କଡ୍ ଟ୍ରାକିଂ ଡିଭାଇସ୍ ସହିତ ଟ୍ୟାଗିଂ କରାଯାଇଛି। ଚଳିତ ବର୍ଷ ମୋଟ ୯ କଇଁଛ ମଧ୍ୟରୁ ୪ ପୁରୁଷ ଏବଂ ୫ ମାଈ କଇଁଛଙ୍କ ଦେହରେ ଟ୍ୟାଗ୍ କରାଯିବା ନିଷ୍ପତ୍ତି ନିଆଯାଇଛି।